# ଚିତ୍ରରେ ସୁସ୍ଥ ସମାଜ ଗଠନ ବାର୍ତ୍ତା

**ଧରିତ୍ରୀ ଚିତ୍ରାଙ୍କନ ପ୍ରତିଯୋଗିତା**

## ତ୍ରିଷାତନୟା ପ୍ରଥମ, ଅମ୍ରିତାମଞ୍ଜରୀ ଦ୍ୱିତୀୟ, ଦେବାଶିଷ ତୃତୀୟ



ଅତିଥିଙ୍କ ଗହଣରେ ପ୍ରତିଯୋଗୀ।

**ବସ୍ତା, ୧୩।୧(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବସ୍ତାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ରବିବାର ପୂର୍ବାହ୍ନ ୯ଟାରେ 'ଧରିତ୍ରୀ' ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧୀନ ୧୩ଟି ବିଦ୍ୟାଳୟର ୩୭ଜଣ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ତ୍ରିଷାତନୟା ବେହେରା ପ୍ରଥମ, ଅମ୍ରିତା ମଞ୍ଜରୀ ପୃଷ୍ଟି ଦ୍ୱିତୀୟ ଏବଂ ବସ୍ତା ଶମ୍ଭୁନାଥ ଉଚ୍ଚ ବିଦ୍ୟାଳୟର ଦେବାଶିଷ ଜେନା ତୃତୀୟ ସ୍ଥାନ ଅଧିକାର କରିଥିଲେ। 'ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା' ଶୀର୍ଷକ ନେଇ ପ୍ରତିଯୋଗୀମାନେ ରଙ୍ଗତୂଳୀରେ ବିଭିନ୍ନ ପ୍ରକାର ଚିତ୍ର ଅଙ୍କନ କରିଥିଲେ। ପ୍ରତିଯୋଗୀମାନେ ଚିତ୍ର ମାଧ୍ୟମରେ ସୁସ୍ଥ ସମାଜ ଗଠନ ଲାଗି ବାର୍ତ୍ତା ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ପ୍ରମାଣିକ ପ୍ରତିଯୋଗୀଙ୍କ ଦ୍ୱାରା ଅଙ୍କନ କରାଯାଇଥିବା ଚିତ୍ରକୁ ନିରପେକ୍ଷ ଭାବରେ ମୂଲ୍ୟାୟନ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଧାନଶିକ୍ଷକ ନାରାୟଣ ଦାସ ପୌରୋହିତ୍ୟ କରି ଧରିତ୍ରୀର ଏହି ପ୍ରୟାସକୁ ଭୂୟସୀ ପ୍ରଶଂସା କରିଥିଲେ। ସ୍ଥାନୀୟ ବସ୍ତା ବ୍ଲକ ପ୍ରତିନିଧି ହରିଶଙ୍କର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ପ୍ରତିନିଧି ମାନସ ବିଶ୍ୱାଳ ଯୋଗଦେଇ ଏହି ପ୍ରତିଯୋଗିତାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ବସ୍ତା ବିଡିଓ କୁକୁମିନା ଦାସ ଯୋଗଦେଇ ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଶୀର୍ଷକ ଉପରେ ଅଙ୍କାଯାଇଥିବା ପ୍ରତିଯୋଗୀଙ୍କ ଚିତ୍ରକଳାକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହାକୁ କାର୍ଯ୍ୟରେ ଲଗାଇବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ର ତଥା ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବସ୍ତା ଥାନା ସବ୍‌ଇନ୍ସପେକ୍ଟର ରାଜଲକ୍ଷ୍ମୀ ନାୟକ ଯୋଗଦେଇ କୁନି କୁନି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିବା ସହ ଦୈନନ୍ଦିନ ପ୍ଲାଷ୍ଟିକର ଯଥାସମ୍ଭବ କମ୍ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଭାଗ ନେଇଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ସହ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ସ୍ଥାନ ଅଧିକାର କରିଥିବା ତ୍ରିଷାତନୟା, ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଅମ୍ରିତାମଞ୍ଜରୀ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଦେବାଶିଷଙ୍କୁ ମାନପତ୍ର ଏବଂ ସ୍ୱତନ୍ତ୍ର ପୁରସ୍କାର ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଦେବାଶିଷ ସେଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଗୁରୁଜୀ ଓ ଗୁରୁମା' ପ୍ରଶାନ୍ତ ଗିରି, ପୁଷ୍ପଲତା ମହାନ୍ତି, ରଞ୍ଜିତା ପାଢ଼ୀ, ମମିତା ପାତ୍ର, ଅଞ୍ଜନ କୁମାର ସାହୁ ସହଯୋଗ କରିଥିଲେ।

# ବ୍ଲକ ଅଧ୍ୟକ୍ଷାଙ୍କ ପରଲୋକ

**ଖୁଣ୍ଟା, ୧୩।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକର କାର୍ଯ୍ୟରତ ମହିଳା ଅଧ୍ୟକ୍ଷାଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଅଧ୍ୟକ୍ଷା ଆଞ୍ଜୁ ଖଣ୍ଡେଇ (୨୭) ୨୨ତାରିଖରେ ଅସ୍ତ୍ରୋପଚାର ମାଧ୍ୟମରେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଡିସେମ୍ବର ୨୮ତାରିଖରେ ତାଙ୍କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ନର୍ସିଂହୋମକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧିନ ଥିବା ଅବସ୍ଥାରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କର ଅକାଳ ବିୟୋଗରେ ଗୋପବନ୍ଧୁନଗର ବ୍ଲକ ଅଞ୍ଚଳ ତଥା ନିଜ ଗ୍ରାମ ବରଡ଼ିହି ପଞ୍ଚାୟତର ଦେବଗାଁ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସେ ବିଗତ ପଞ୍ଚାୟତ ନିର୍ବାଚନରେ ବରଡ଼ିହି ପଞ୍ଚାୟତରୁ ସମିତି ସଭ୍ୟା ଭାବେ ନିର୍ବାଚିତ ହୋଇ ଗୋପବନ୍ଧୁନଗର ବ୍ଲକରେ ବିଜେଡି ସମର୍ଥନରେ ଅଧ୍ୟକ୍ଷା ଭାବେ କାର୍ଯ୍ୟ କରୁଥିଲେ। ରବିବାର ପୂର୍ବାହ୍ନରେ ତାଙ୍କର ମରଶରୀର ଗ୍ରାମରେ ପହଞ୍ଚିଥିବାବେଳେ ବିଜେଡିର ବ୍ଲକ ସଭାପତି ପ୍ରଦୀପ କୁମାର ଉପାଧ୍ୟାୟ, ଉପାଧ୍ୟକ୍ଷ ମାନସ କୁମାର ମହାରଣା, ବ୍ଲକକର୍ମଚାରୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ ପାଇଁ ଆସିଥିଲେ।

# ବିବେକାନନ୍ଦ ଜୟନ୍ତୀ ପାଳିତ

**କୁଆମରା, ୧୩।୧**

ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପୁରୁଣା ବାରିପଦା ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭାରତ ମାତା ଓ ସ୍ୱାମୀଜୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ପ୍ରଧାନ ଆଚାର୍ଯ୍ୟ ବ୍ରହ୍ମାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଗୁରୁଜୀ ଜ୍ଞାନରଞ୍ଜନ ପଣ୍ଡା ବିବେକାନନ୍ଦଙ୍କ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ର ବିଦ୍ୟାଳୟ ପରିସରରୁ ବାହାରି ଗ୍ରାମ ପରିକ୍ରମା କରିଥିଲେ।



ଫର୍ମ ଦାଖଲ ପାଇଁ ଆସି ନିରାଶ ହୋଇ ଫେରିଥିବା ହିତାଧିକାରୀ।

# ଅଫିସ ବନ୍ଦ, କାଳିଆ ଯୋଜନା ଆବେଦନକାରୀ ନିରାଶ

**ବଡସାହି, ୧୩।୧(ସ୍ୱ.ପ୍ର.)**

ଚାଷୀମାନଙ୍କ ପାଇଁ କାର୍ଯ୍ୟକାରୀ ହୋଇଥିବା କାଳିଆ ଯୋଜନାରେ ଫର୍ମ ଦାଖଲ କରିବାକୁ ଆସି ହିତାଧିକାରୀମାନେ ନିରାଶ ହୋଇ ଫେରିଛନ୍ତି। ଦିନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅପେକ୍ଷା କରିବା ସତ୍ତ୍ୱେ କୌଣସି ଅଫିସର କାର୍ଯ୍ୟାଳୟକୁ ନ ଆସିବାରୁ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି ବଡ଼ସାହି ପଞ୍ଚାୟତ ଅଫିସରେ। କାଳିଆ ଯୋଜନା ପାଇଁ ଫର୍ମ ଦାଖଲ କରିବା ସମୟ ୧୫ତାରିଖ ପର୍ଯ୍ୟନ୍ତ ରଖାଯାଇଛି। ମାତ୍ର ୨ଦିନ ସମୟ ଅବଧି ଥିବା ବେଳେ ଗଣପର୍ବ ମକର ପାଇଁ ସାରା ଜିଲାର ଲୋକମାନେ ବ୍ୟସ୍ତ ଅଛନ୍ତି। ପଞ୍ଚାୟତ ଅଧିନରେ ଥିବା ବିଭିନ୍ନ ଗ୍ରାମରୁ ଆସିଥିବା ଚାଷୀ ସୁରେଶ କୁଅଁର, ମନରଞ୍ଜନ ବେହେରା, ରାହାସ ନାଏକ, ସରୋଜିନୀ ସାହୁ, ବାସନ୍ତୀ କୁଅଁରଙ୍କ ସମେତ ୨୦ରୁ ଊର୍ଦ୍ଧ୍ୱ ଚାଷୀ ନିଜର ଫର୍ମ ଧରି ବଡ଼ସାହି ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ ସୁଦ୍ଧା କୌଣସି ପ୍ରତିନିଧି କାର୍ଯ୍ୟାୟକୁ ଆସି ନ ଥିଲେ। ଫଳରେ ଲୋକମାନେ ଦୀର୍ଘ ସମୟ ଧରି ବାହାରେ ଅପେକ୍ଷା କରି ଚାଲିଯାଇଥିଲେ। ହିତାଧିକାରୀମାନେ ଯୋଗଯୋଗ କରିଥିଲେ ସୁଦ୍ଧା ତାଙ୍କ ମୋବାଇଲ ସୁଇଚ୍ ଅପ୍ ରହିଥିଲା। ଏ ସମ୍ପର୍କରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ କହିଛନ୍ତି ଅଫିସ ଖୋଲା ରହିବାର ନିୟମ ରହିଛି। ତେବେ କାର୍ଯ୍ୟାଳୟ ବନ୍ଦ ରହିଲେ ଲ୍ୟାମ୍ପ ମାଧ୍ୟମରେ ଦାଖଲ କରିହେବ ବୋଲି ଜଣାଇଛନ୍ତି। ତେବେ କଣ ପାଇଁ କାର୍ଯ୍ୟାଳୟ ବନ୍ଦ ରହିଲା ସେ ସମ୍ପର୍କରେ ଅଫିସରଙ୍କ ସହ କଥ ହେବି ବୋଲି କହିଛନ୍ତି।




ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀବୃନ୍ଦ।

# ଜାତୀୟ ଯୁବ ଦିବସ ପାଳିତ

**ବାରିପଦା ଅଫିସ, ୧୩।୧**

ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବାରିପଦା ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟଠାରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ସ୍ୱତନ୍ତ୍ର ଉନ୍ନୟନ କାଉନସିଲର ଅଧ୍ୟକ୍ଷ ଡ ଦେବାଶିଷ ମାର୍ଣ୍ଡି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଜ୍ଞାନର ପ୍ରଫେସର ଡ ଜଗନ୍ନାଥ ଲେଙ୍କା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବାରିପଦାର ପୂର୍ବତନ ବିଧାୟକ ତଥା ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ପରିଚାଳନା ପରିଷଦର ସଭାପତି କିଶୋର ଦାଶ, ନିକୋ କର୍ପୋରେଶନର ପୂର୍ବତନ କଷ୍ଟ ଆକାଉଣ୍ଟାଣ୍ଟ ଆଶୁତୋଷ ପାଣିଗ୍ରାହୀ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଏମ.ବି.ଏ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡ ସ୍ମୃତି ରଞ୍ଜନ ଦାସ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏନଏସଏସ କୋଅର୍ଡିନେଟର ଉଷା ଶତପଥୀ, ସାମାଜିକକର୍ମୀ ରଶ୍ମିତା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଭାଗରେ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ଛାତ୍ରୀ ରାଜଲକ୍ଷ୍ମୀ ଶର୍ମା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିବା ବେଳେ ଛାତ୍ରୀ ଦିବ୍ୟଜ୍ୟୋତି ଗିରି, ସୁନୀତା ମର୍ମୁ, ସୁଭଦ୍ରା ମାରାଣ୍ଡି, କାର୍ମିପ୍ରିୟ ମାର୍ଣ୍ଡି ଓ ଅନ୍ୟମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଏନଏସଏସ ସ୍ୱେଚ୍ଛାସେବୀମାନେ ମିଳିତ ଭାବେ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପକ ଗଣେଶ ଚନ୍ଦ୍ର ପରିଡା, ମଦନ ମୋହନ ସାହୁ, ରାମଚନ୍ଦ୍ର ଜେନା, ରାହୁଲ କୁମାର ନନ୍ଦି, ସୌମ୍ୟ ରଞ୍ଜନ ଜେନା ପ୍ରମୁଖ ମିଳିତ ଭାବେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଧରିତ୍ରୀ
DHARITRI
ସୋମବାର, ୧୪ ଜାନୁୟାରୀ, ୨୦୧୯



## ସଂକ୍ଷେପରେ

### ସୋର ଜିଲାସ୍ତରୀୟ ରଗ୍‌ବି ଟୁର୍ନାମେଣ୍ଟ

**ସୋର,୧୩।୧(ଡି.ଏନ.ଏ.):** ସୋର ବ୍ଲକ ଅନ୍ତର୍ଗତ ତଳନଗର କଲେଜ ଖେଳ ପଡିଆରେ ଜିଲାସ୍ତରୀୟ ରଗ୍‌ବି ଟୁର୍ନାମେଣ୍ଟ ଆପେକ୍ସ ପ୍ରେଡାଟର ରଗ୍‌ବି କ୍ଲବ ଆନୁକୂଲ୍ୟରେ ଆୟୋଜିତ ହୋଇଯାଇଛି। ଏଥିରେ ୭ଟି ଟିମ୍‌ର ଖେଳାଳି ଅଂଶଗ୍ରହଣ କରିଥିଲେ। ଗୋପାଳପୁର, ବାହାନଗା, ସନ୍ତରାଗଡ଼ିଆ, ଅନନ୍ତପୁର, ତଳନଗର, ତାଳପଦା ଓ ସୋର ଟିମ୍ ଏହି ଟୁର୍ନାମେଣ୍ଟରେ ଖେଳିଥିଲେ। ସ୍ଥାନୀୟ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ଦାସ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ରବିବାର ସୋର ଓ ଗୋପାଳପୁର ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଆପେକ୍ସ ପ୍ରେଡାଟର ଚାମ୍ପିୟନ୍ ହୋଇଥିବା ବେଳେ ଗୋପାଳପୁର ଟିମ୍ ରନର୍ସଅପ୍ ହୋଇଥିଲା। ଜିଲା ରଗ୍‌ବି ସଂଘର ସମ୍ପାଦକ କାଶୀନାଥ ଦାସ ଓ ସଭାପତି ପ୍ରଭାକର ମିଶ୍ର ଚାମ୍ପିୟନ୍ ଓ ରନର୍ସଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଓଡିଶା ରଗ୍‌ବି ଟିମ୍ ମ୍ୟାନେଜର ସ୍ମୃତି ସୌରଭ ମଲ୍ଲିକ, ଓଡିଶା ରଗ୍‌ବି ଉନ୍ନୟନ ଅଧିକାରୀ ଧୀରେନ୍ କୁମାର ରାଉତ ଓ କାଳିଆ ପଟ୍ଟନାୟକ ପରିଚାଳନା କରିଥିଲେ।

### ସୋର ପ୍ରତିଭା ସମ୍ମାନ ଉତ୍ସବ

**ସୋର,୧୩।୧(ଡି.ଏନ.ଏ.):** ସୋର ଉପେନ୍ଦ୍ରନାଥ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ୟୁଏନ୍ କଲେଜ ଖେଳ ପଡିଆରେ ୬ଷ୍ଠ ସୋର ପ୍ରତିଭା ସମ୍ମାନ ଅନୁଷ୍ଠାନର ସଭାପତି ନବକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଏମ୍‌ପି ମହାମେଘବାହନ ଐରଖାରବେଳ ସ୍ୱାଇଁ ଓ ବରେଣ୍ୟ ଅତିଥି ଭାବେ ପ୍ରାକ୍ତନ ବିଧାୟକ ସୁରେନ୍ଦ୍ର ପ୍ରସାଦ ପ୍ରମାଣିକ ଓ ସୋର ବ୍ଲକ ଅଧ୍ୟକ୍ଷା ଅତସୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ନୃତ୍ୟ, ଗୀତ, ଅଭିନୟ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଙ୍ଗଠନ ସମ୍ପାଦକ ଚିତ୍ତରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସଙ୍ଗଠନ ସଂଯୋଜକ ନରେନ୍ଦ୍ର ମହାଳିକ, ସୀତାଂଶୁ ଉପାଧ୍ୟାୟ, ଅଶୋକ ଖିଲାରେ, ଧର୍ମେନ୍ଦ୍ର ପଣ୍ଡା, କୁମାରୀ କରିସ୍ମିତା, ମୋନାଲିସା ଦାସ, ତପସ୍ୱିନୀ ଖଟୁଆ, କିର୍ତ୍ତି କୁମାର ଜେନା, ପ୍ରୀତିମୟୀ ଦାସ, ଜନ୍ମଜେୟ ସାହୁ, ଓ ରାଜେନ୍ଦ୍ର ମହାଳିକ ସହଯୋଗ କରିଥିଲେ।

### ଆଜିଠୁ ଉଦଗରା ବେଳାଭୂମି ମହୋତ୍ସବ

**ବାଲିଆପାଳ,୧୩।୧(ଡି.ଏନ.ଏ.):** ପର୍ଯ୍ୟଟନ କେନ୍ଦ୍ର ଉଦଗରା ବେଳାଭୂମିରେ ସୋମବାରଠାରୁ ୧୫ତମ ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ରାଜନେତା, ଖ୍ୟାତି ସମ୍ପନ୍ନ କଳାକାର, ନୃତ୍ୟଶିଳ୍ପୀ, ଶିକ୍ଷାବିତ୍ ତଥା ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଉତ୍ସବ ଅବକାଶରେ ମୀନାବଜାର, ଆତସବାଜି କାର୍ଯ୍ୟକ୍ରମ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିନ୍ନ ଭିନ୍ନ ନୃତ୍ୟ ସଙ୍ଗୀତ ଦଳ ଅଂଶଗ୍ରହଣ କରିବେ। ଖ୍ୟାତନାମା ସିନେ ଓ ଆଲବମ ଷ୍ଟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ପ୍ରଶାସନ ଓ ପୋଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି।

# ଫକୀରମୋହନଙ୍କ କବିତାରେ ଆଧୁନିକତାର ଛାପ

**ବାଲେଶ୍ୱର ଅଫିସ, ୧୩।୧**

ବାଲେଶ୍ୱର ଶାନ୍ତିକାନନସ୍ଥିତ ଫକୀରମୋହନ ସାହିତ୍ୟ ପରିଷଦର ୭୨ତମ ଜୟନ୍ତୀ ଓ ୧୭୬ତମ ଫକୀରମୋହନ ଜୟନ୍ତୀ ରବିବାର ପୂର୍ବାହ୍ଣରେ ଅନୁଷ୍ଠିତ ହୋଇଛି। ଉଦ୍‌ଘାଟକ ଭାବରେ ଯୋଗଦେଇ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। ପରିଷଦର ସଭାପତି ଡ. ଶିରୀଶ ଜେନା ଆୟୋଜିତ ସଭାକୁ ପରିଚାଳନା କରିଥିବା ବେଳେ ମୁଖ୍ୟବକ୍ତା ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. କୃଷ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇ ଫକୀରମୋହନଙ୍କ ପ୍ରଥମ ପ୍ରବନ୍ଧ 'ମନ୍ଦିରରେ କୁତ୍ସିତ ମୂର୍ତ୍ତି' ଉପରେ ଏକ ସାରଗର୍ଭକ ବକ୍ତବ୍ୟ ଦେଇଥିଲେ। ସେ କହିଥିଲେ ଯେ, ଫକୀରମୋହନଙ୍କ କବିତାରେ ଆଧୁନିକତାର ଛାପ



ଫକୀରମୋହନ ସାହିତ୍ୟ ପରିଷଦ ପକ୍ଷରୁ ପାଳିତ ଫକୀରମୋହନ ଜୟନ୍ତୀ ଉତ୍ସବରେ ଅତିଥି।

ଦେଖିବାକୁ ମିଳେ। ସମ୍ପାଦକ ଡା. କୁମାର ଗୋପାଳ ଅତିଥି ପରିଚୟ ଓ ପ୍ରାକ୍ କଥନ ରଖିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଡ. ସାରଙ୍ଗଧର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ତପନ ରାୟ ମଞ୍ଚ ପରିଚାଳନା କରିଥିଲେ।

ଦ୍ୱିତୀୟ ଅଧିବେଶନରେ ସାହିତ୍ୟ ଏକାଡ଼େମୀ ଓ ଫକୀରମୋହନ ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ଫକୀରମୋହନ ଜୟନ୍ତୀ ପାଳନ କରାଯାଇଥିଲା। ଏଥିରେ ଅତିରିକ୍ତ ଶାସନ ସଚିବ ଓ ନିର୍ଦ୍ଦେଶକ, ଓଡ଼ିଆଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ବିଜୟ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଡ. ଶିରୀଶ ଜେନା ଓ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଦସ୍ୟ ଡ. ହରିଶ୍ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ପ୍ରାକ୍ ଭାଷା ଡ. କୁମାର ଗୋପାଳ ପ୍ରଦାନ କରିଥିଲେ ଓ ସାହିତ୍ୟ ଏକାଡ଼େମୀର ସଞ୍ଜୟ ଛୁଆଳ ସିଂ ଧନ୍ୟବାଦ ଦେଇଥିଲେ। କାହ୍ନୁଚରଣ ଲେଙ୍କାଙ୍କ ତତ୍ତ୍ୱାବଧାନରେ 'ସୁଯୋଗ' ପକ୍ଷରୁ ପିଲାମାନଙ୍କ ଦ୍ୱାରା ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

# ସନାତନ ଧର୍ମ ସବୁରି ମୂଳ ଆଧାର

**ପ୍ରଦୀପ ଦାସ**
**ଭୋଗରାଇ, ୧୩।୧**

## ଗଙ୍ଗାସାଗର ମେଳାରେ ଶଙ୍କରାଚାର୍ଯ୍ୟ

ସନାତନ ଧର୍ମ ସବୁଧର୍ମର ଆଧାର। ଏହି ଧର୍ମର ବିକଳ୍ପ ନାହିଁ କି ଅନ୍ତ ନାହିଁ। ବିଶ୍ୱରେ ଆଜି ଅଧର୍ମୀମାନଙ୍କ ଦୌରାତ୍ମ୍ୟ ବଢୁଥିବାରୁ ସମାଜରେ ନୀତି, ନୈତିକତା, ମୂଲ୍ୟବୋଧ, ମଣିଷପଣିଆ ହଜିଯାଇଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସନାତନପନ୍ଥୀ ସଦ୍‌ଗୁରୁ, ଶୁଭବୁଦ୍ଧି ସମ୍ପନ୍ନ ଓ ରାଷ୍ଟ୍ରଭକ୍ତମାନେ ଅଣ୍ଟା ଭିଡ଼ିଛନ୍ତି ବୋଲି ପଶ୍ଚିମବଙ୍ଗ ଦକ୍ଷିଣ ୨୪ ପରଗଣା ଜିଲା ସାଗରଦ୍ୱୀପ ଗଙ୍ଗାସାଗରରେ ବୁଡ଼ ପକାଇବା ଉଦ୍ଦେଶ୍ୟରେ ଆସିଥିବା ପୁରୀ ଗୋବର୍ଦ୍ଧନ ପୀଠର ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ଏକ ଖବରଦାତା ସମ୍ମିଳନୀରେ ମତ ଦେଇଛନ୍ତି।

ସ୍ୱାମୀଜୀ କ୍ଷୋଭର ସହ କହିଲେ ଯେ, ଆମ ଦେଶରେ ଅଦ୍ୟାବଧି ଦିଶାହୀନ ରାଜନୀତି ଚାଲିଛି। ଏହା ଦେଶ ପାଇଁ ଶୁଭଙ୍କର ନୁହେଁ। ପୁରୀ ଶ୍ରୀମନ୍ଦିରରେ ଚାଲିଥିବା ସମସ୍ୟାର ସମାଧାନ ପାଇଁ ଶାସ୍ତ୍ରମତ, ରାଜମତ,



ଖବରଦାତା ସମ୍ମିଳନୀରେ ପୁରୀ ଶଙ୍କରାଚାର୍ଯ୍ୟ।

ଶାସନମତ ଓ ଭକ୍ତଙ୍କ ମତ ନେବା ଜରୁରୀ। ଏହି ରୀତିମତ ସମନ୍ୱୟ ରକ୍ଷା କଲେ ନୂଆ ବିବାଦ ସୃଷ୍ଟି ହେବ ନାହିଁ। ଏବେ ସମାଜରେ ନଦୀ, ସମୁଦ୍ର ଭୀଷଣ ଭାବେ ପ୍ରଦୂଷଣ ହେଉଥିବାରୁ ପ୍ରଦୂଷଣମୁକ୍ତ ପାଇଁ ଆମକୁ ପଦକ୍ଷେପ ନେବାକୁ ପଡ଼ିବ। ଏଥିପାଇଁ ଗଙ୍ଗାସାଗରରୁ-ପୁରୀ ପର୍ଯ୍ୟନ୍ତ ନଦୀ, ସମୁଦ୍ର ପ୍ରଦୂଷଣ ମୁକ୍ତ ପାଇଁ ସନ୍ଧ୍ୟା ଆରତୀ କରୁଛି। ଗଙ୍ଗାସାଗର ସଙ୍ଗମ ପବିତ୍ର ସ୍ଥଳକୁ ପିକନିକ୍ ସ୍ଥଳ ନ କରି ମକର ପର୍ବକୁ ବିଶ୍ୱ ମହାପର୍ବ ବୋଲି କେନ୍ଦ୍ର ଓ ରାଜ୍ୟ ସରକାର ଘୋଷଣା କରନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ।

### ବରୁଣସିଂ ପ୍ରିମିୟର ଲିଗ୍
## ବୁଲେଟ୍ ଇଲେଭେନ୍ ଚାମ୍ପିୟନ

**ରେମୁଣା,୧୩।୧(ଡି.ଏନ.ଏ.)**

ରେମୁଣା ବ୍ଲକ ବରୁଣସିଂ ପଞ୍ଚାୟତ ରୂପାଲି ପଡ଼ିଆରେ ଗତ ଡିସେମ୍ବର ୨୩ ତାରିଖଠାରୁ ୮ଟି ଟିମ୍‌କୁ ନେଇ ବରୁଣସିଂ ପ୍ରିମିୟର ଲିଗ୍ ଆରମ୍ଭ ହୋଇଥିଲା। ଫାଇନାଲ ମ୍ୟାଚ ମା' ମଙ୍ଗଳା କ୍ରିକେଟ୍ ଟିମ୍ ଓ ବୁଲେଟ୍ ଇଲେଭେନ୍ ମଧ୍ୟରେ ହୋଇଥିଲା। ଏଥିରେ ବୁଲେଟ ଇଲେଭେନ୍ ୧ ରନ୍‌ରେ ବିଜୟୀ ହୋଇଥିଲା। ବୁଲେଟ୍ ଇଲେଭେନ୍‌କୁ ୧୬ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ସମ୍ମାନିତ ଅତିଥି ଭାବରେ ସାମାଜିକ କର୍ମୀ ନିରଞ୍ଜନ ବେହେରା, ଶେରଗଡ଼ ସରପଞ୍ଚ ପ୍ରତିନିଧି ରମେଶ ଚନ୍ଦ୍ର ସିଂ, ବରୁଣସିଂ ସରପଞ୍ଚ ରଘୁନାଥ ନାୟକ, ପୂର୍ବତନ ସରପଞ୍ଚ ଭାସ୍କର ଚନ୍ଦ୍ର ବେହେରା, ରବୀନ୍ଦ୍ର ମହାକୁଡ଼ ଓ ବିପିଏଲ୍‌ର ସଭାପତି ଗଜେନ୍ଦ୍ର ମହାଳିକ, ସମ୍ପାଦକ ରଞ୍ଜନ ପ୍ରଧାନ ଯୋଗଦେଇଥିଲେ। ଚନ୍ଦନ କୁମାର ଯେନା, ସତ୍ୟେନ୍ଦ୍ର ବେହେରା, ଚନ୍ଦନ କୁମାର ଦାସ, ଅଭୟ ଦଳାଇ, ମୁକେଶ ଦାଶ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଖେଳକୁ ବହୁ ଦର୍ଶକ ମନଭରି ଉପଭୋଗ କରିଥିଲେ।

# ଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ବାର୍ଷିକ ଉତ୍ସବ

**ଖଇରା, ୧୩।୧(ଡି.ଏନ.ଏ)**

ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ଅଧିନ ମିରିପୁରଖଇରା ସ୍ଥିତ ଅରବିନ୍ଦ ସାଧନା ପୀଠରେ ପ୍ରଭୁ ଶ୍ରୀ ଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର ଷଷ୍ଠ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଭାଗିରଥି ପଣ୍ଡାଙ୍କ ପୌରୋହିତ୍ୟରେ ଆଧାତ୍ମିକ ପତାକା ଉତ୍ତୋଳନ ହେବା ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ରାଜ୍ୟ ସଙ୍ଗଠକ ଅନାଦି ଚରଣ ସ୍ୱାଇଁ ଓ ଜିଲା ସଙ୍ଗଠକ ଶରତ ଚନ୍ଦ୍ର ଘୋଷ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଦୟାନିଧି ପାତ୍ର, ଜଗନ୍ନାଥ ପୃଷ୍ଟି ଓ ବାବୁଲି ଘୋଷ ସଭା ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ଶ୍ରୀ ଅରବିନ୍ଦଙ୍କ ପ୍ରତ୍ୟେକ ବାଣୀ ମଣିଷର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଚାଲିଚଳନରେ ପ୍ରୟୋଗ କଲେ ଚଲାପଥ କୁସୁମିତ ହୋଇଥାଏ ବୋଲି ବକ୍ତାମାନେ



ଉତ୍ସବରେ ଉପସ୍ଥିତ ଶ୍ରୀମା ଶ୍ରୀଅରବିନ୍ଦ ଭକ୍ତ।

ପ୍ରକାଶ କରିଥିଲେ। ସଭା ପରେ ପୂର୍ବାହ୍ଣରେ ଯନ୍ତ୍ରସଙ୍ଗୀତ ସହିତ ସ୍ୱାଧ୍ୟାୟ ପ୍ରାର୍ଥନା, ଶ୍ରୀ ଅରବିନ୍ଦଙ୍କ ଦିବ୍ୟ ଉପସ୍ଥିତି ଓ ସମାଧି ମନ୍ଦିର ବିଷୟରେ ଆଧାତ୍ମିକ ଆଲୋଚନା ହୋଇଥିଲା। ଅପରାହ୍ଣରେ ସମାଧି ମନ୍ଦିରରେ ପୁନଃ ଧ୍ୟାନ ପରେ ଭାରତର ଆଧାତ୍ମିକ ପତାକା ଅବତରଣ କରାଯାଇଥିଲା। ବାବାଜୀ ଚରଣ ଶିଅଳ, ଦୈତାରୀ ବେହେରା, ରମାକାନ୍ତ ନାୟକ, ସତ୍ୟରଞ୍ଜନ ପଣ୍ଡା, କମଳ ଲୋଚନ ପ୍ରଧାନ, ଭାବଗ୍ରାହୀ ପଣ୍ଡା, ସତ୍ୟରଞ୍ଜନ ନାୟକ, କୌଶଲ୍ୟ ଶିଅଳ, ପୁରୁଷୋତ୍ତମ ଶିଅଳ, ଶ୍ରୀକାନ୍ତ ନାୟକ ପ୍ରମୁଖ ଉତ୍ସବ ପରିଚାଳାନାରେ ସହଯୋଗ କରିଥିଲେ।

### ରୋଗୀ କଲ୍ୟାଣ ସମିତି ବୈଠକ

**ବସ୍ତା,୧୩।୧(ସ୍ୱ.ପ୍ର.):** ବସ୍ତା ବ୍ଲକ ସିଂଲା ଓ ଇଢ଼ିଦାଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ପୃଥକ ରୋଗୀକଲ୍ୟାଣ ସମିତି ବୈଠକ ସଭାପତି ନବକୃଷ୍ଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବସ୍ତା ଡାକ୍ତରଖାନା ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା. ଦେବବ୍ରତ ଜେନା, ସିଂଲା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପି. ଗିରି, ସମାଜସେବୀ ଧୀରେନ୍ଦ୍ର ନାରାୟଣ ପ୍ରହରାଜଙ୍କ ସମେତ ସମିତିର ସମସ୍ତ ସଦସ୍ୟ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦୀର୍ଘଦିନ ହେଲା ଇଢ଼ିଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବାରୁ ବୈଠକରେ କ୍ଷୋଭପ୍ରକାଶ ପ୍ରକାଶ ପାଇଥିଲା। ଡାକ୍ତରଖାନା ଚତୁଃପାର୍ଶ୍ୱରେ ପାଚେରୀ ବ୍ୟବସ୍ଥା, ଖାଲିଥିବା ପଦବୀରେ ନିଯୁକ୍ତି, ପାନୀୟଜଳ ବ୍ୟବସ୍ଥା ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା।



ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ପରିବେଷଣ।

# ନାଟ୍ୟ ସଂସଦ ବାର୍ଷିକ ଉତ୍ସବ

**ବାଲେଶ୍ୱର ଅଫିସ, ୧୩।୧**

ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟ ଆନୁକୂଲ୍ୟରେ ଶନିବାର ନାଟ୍ୟ ସଂସଦର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ମିନତି ସେଠୀ ସଭାପତିତ୍ୱ କରି ସ୍ୱାଗତ ସମ୍ଭାଷଣ ରଖିଥିଲେ। ବାଲେଶ୍ୱର ଜିଲାର ବରିଷ୍ଠ ଭେଷଜ ବିଶେଷଜ୍ଞ ଡା. ପି.ସି. ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଧନ୍ଦାମୂଳକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ଡ. ହରିହର କାନୁନ୍‌ଗୋ ଯୋଗଦେଇ ବାଲେଶ୍ୱର ଜିଲାର ମାଟି କଳା, ସଂସ୍କୃତି ଓ ଐତିହ୍ୟର ମାଟି ବୋଲି ପ୍ରତିପାଦନ କରିଥିଲେ। ମୁଖ୍ୟବକ୍ତା ଭାବେ 'ସ୍ରଷ୍ଟା'ର ସଭାପତି ହେମେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ନାଟ୍ୟ ସଂସଦର ଉପସଭାପତି ଡ. ମିନତି ମହାନ୍ତି ଅତିଥି ପରିଚୟ, ଉପସଭାପତି ଡ. ତପସ୍ୱିନୀ ନାଏକ ମହାବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ନାଟ୍ୟ ସଂସଦର ସହ ଉପସଭାପତି ପାପିଆ ପାଲ୍ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା 'ବାପାଙ୍କ ସାଇକେଲ୍' ଶୀର୍ଷକ ନାଟକ ପରିବେଷିତ ହୋଇଥିଲା। ଅନ୍ୟାନ୍ୟ ରଙ୍ଗାରଙ୍ଗ କାର୍ଯ୍ୟକ୍ରମକୁ ବିଦ୍ୟାର୍ଥୀଗଣ ମନଭରି ଉପଭୋଗ କରିଥିଲେ।

# 'ବିଜୁ ଆପ୍' ପ୍ରଚଳନ ପ୍ରଶିକ୍ଷଣ ଶିବିର

**ବାଲେଶ୍ୱର ଅଫିସ,୧୩।୧**

ବାଲେଶ୍ୱର ସଂସଦୀୟ କ୍ଷେତ୍ରରେ ବିଜେଡ଼ି ପକ୍ଷରୁ ବିଜୁ ଆପ୍‌ର ପ୍ରଚଳନ କରିବା ପାଇଁ ଏକ ପ୍ରଶିକ୍ଷଣ ଶିବିର ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନାଙ୍କ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ନେତା ଓ କର୍ମୀମାନଙ୍କୁ ଭୁବନେଶ୍ୱରରୁ ସ୍ୱତନ୍ତ୍ର ପ୍ରଶିକ୍ଷକ ଆସି ପ୍ରଶିକ୍ଷଣ ପ୍ରଦାନ ସହ 'ବିଜୁ ଆପ୍' କ'ଣ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ପ୍ରଶିକ୍ଷକ ସମସ୍ତଙ୍କୁ ବୁଝାଇଥିଲେ। ବିଜୁ ଜନତା ଦଳର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକେ ଅବଗତ ହେବା ସହିତ ସମସ୍ତ ଦଳୀୟ କାର୍ଯ୍ୟକ୍ରମର ବିବରଣୀ, ସରକାରଙ୍କ ବିଭିନ୍ନ ଯୋଜନା ଓ ଯୋଜନାର ରୂପରେଖ ଏବଂ ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଲୋକେ ଜାଣି ପାରିବେ। 'ବିଜୁ ଆପ୍'କୁ ଆଣ୍ଡ୍ରୟେଡ଼ ମୋବାଇଲ୍ ସେଟରେ ଡାଉନଲୋଡ଼ କରିବାକୁ ପଡ଼ିବ।

ବୈଠକରେ ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସୋର ବିଧାୟକ ପର୍ଶୁରାମ ଧଡ଼ା, ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର, ରେମୁଣାର ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ଜିଲା ପର୍ଯ୍ୟବେକ୍ଷକ ଅଜୟ ନାୟକ, ଜିଲା ସାଧାରଣ ସମ୍ପାଦକ ବରଦାପ୍ରସନ୍ନ ପଟ୍ଟନାୟକ, ଜିଲା ଉପଭାପତି ଗୌରୀ କୁମାର ରାଉତ, ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ପ୍ରତିନିଧି ବିଶ୍ୱଜିତ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏମାନଙ୍କ ସହିତ ବିଜେଡ଼ି ଦଳର ବିଭିନ୍ନ ଛାମୁଆ ସଙ୍ଗଠନର ସଭାପତି, ସମସ୍ତ ବ୍ଲକ, ମ୍ୟୁନିସିପାଲିଟି, ଏନଏସିର ସଭାପତି ଓ ଏମ୍‌ପିଙ୍କ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ଜିଲାର ବିଭିନ୍ନ ନିର୍ବାଚନମଣ୍ଡଳୀରୁ ଶତାଧିକ ଯୁବ ଛାତ୍ର, ମହିଳା ଓ ଦଳୀୟ କାର୍ଯ୍ୟକର୍ତ୍ତା ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ 'ବିଜୁ ଆପ୍' ଡାଉନଲୋଡ଼ କରିବା ସହିତ ପ୍ରଶିକ୍ଷଣ ନେଇଥିଲେ।




'ବିଜୁ ଆପ୍' ପ୍ରଶିକ୍ଷଣ ଶିବିରରେ ଅତିଥି ଓ ଅନ୍ୟମାନେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ଣ୍ଣରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



ଅମିତ



ଆରତି



ଆଶିଷ



ମାନସ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ସଂକ୍ଷେପରେ

### ବନ୍ତ ମହୋତ୍ସବ ଲାଗି ପ୍ରତିଭା ଚୟନ

**ବନ୍ତ, ୧୩।୧ (ଡି.ଏନ.ଏ.):** ଆସନ୍ତା ୩୧ରୁ ଦ୍ୱିତୀୟ ବାର୍ଷିକ ବନ୍ତ ମହୋତ୍ସବ ଅନୁଷ୍ଠିତ ହେବ। ୪ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବ ପାଇଁ ରବିବାର କମିଟି ପକ୍ଷରୁ ଶିଶୁ ପ୍ରତିଭାଙ୍କୁ ନେଇ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ତ ସ୍ଥିତ ସରସ୍ୱତୀ ଶିଶୁମନ୍ଦିରଠାରେ ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ପ୍ରାୟ ୨୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଚୟନ ହୋଇଥିବା ପ୍ରତିଯୋଗୀମାନେ ବନ୍ତ ମହୋତ୍ସବରେ ପାରଦର୍ଶିତା ପ୍ରଦର୍ଶନ କରିବା ସହ ସେମାନଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା କରାଯାଇଛି। ବିଚାରକ ଭାବେ ସ୍ମୃତିରଞ୍ଜନ ବାରିକ, ତିଳୋତ୍ତମା ବିଶ୍ୱାଳ, ମୋନାଲିସା ଦଳେଇ, ସଞ୍ଜୟ ଦଳେଇ ଦାୟିତ୍ୱ ତୁଲାଇଥିଲେ। ମହୋତ୍ସବ କମିଟି ଆବାହକ ପରମେଶ୍ୱର ବାରିକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ କମିଟିର ସୁବାସ ଦାସ, ମାର୍କଣ୍ଡ ବେହେରା, ଲକିମାଷ୍ଟର ସ୍ୱାଇଁ, ସୁଧାକର ଧଳ, ପ୍ରବୀର ନାୟକ, ଲକ୍ଷ୍ମୀଧର କର, ତପନ ମଜୁମଦାର ଓ କାହ୍ନା ନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ୩ ବଖରା ଜଳିଗଲା

**ଧାମନଗର, ୧୩।୧ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦୋବଲ ପଞ୍ଚାୟତ ସୋଧ ଗ୍ରାମରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଘର ଜଳିଯାଇଛି। ରବୀନ୍ଦ୍ର କୁମାର ସାହୁ, ଦେବେନ୍ଦ୍ର ସାହୁ ଓ ସୁରେନ୍ଦ୍ର ସାହୁଙ୍କର ୧ ବଖରା ଲେଖାଏ ବାସଗୃହ ପୋଡ଼ିଯାଇଛି। ସେମାନଙ୍କ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ନଷ୍ଟ ହୋଇଯାଇଛି। ଧାମନଗର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ବିଦ୍ୟୁତ୍ ଶର୍ଟ୍‌ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି।

### 'ବୌଦ୍ଧିକ ବିକାଶ ଆଣେ କ୍ରୀଡ଼ା'

**ତିହିଡ଼ି, ୧୩।୧ (ଡି.ଏନ.ଏ.) :** ତିହିଡ଼ି ଡିଗ୍ରୀ କଲେଜର ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ଦେବେନ୍ଦ୍ର ପ୍ରସାଦ ସାମଲ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ତିହିଡ଼ି ଜୁନିୟର କଲେଜ ଅଧ୍ୟକ୍ଷ ଦୀନବନ୍ଧୁ ଗାହାଣ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶରେ କ୍ରୀଡ଼ା ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ରମେଶ ଚନ୍ଦ୍ର ପ୍ରତାପ ଓ ଡ. ବଂଶୀଧର ବେହେରା ଯୋଗ ଦେଇଥିଲେ। ଅଧ୍ୟାପକ ଦେବେନ୍ଦ୍ର କୁମାର ଉଦ୍‌ଗାତା ସ୍ୱାଗତ ଭାଷଣ ପ୍ରଦାନ ଓ ନାରାୟଣ ପୃଷ୍ଟି ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। କ୍ରୀଡ଼ା ପ୍ରତିଯୋଗିତାରେ ବାଳକ ବିଭାଗରେ ଦୀପକ କୁମାର ବାରିକ ଏବଂ ବାଳିକା ବିଭାଗରେ ସାଜେଦା ନେସାଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ଅଧ୍ୟାପକ ହରିହର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅଶୋକ କୁମାର ଗୋଛାୟତ, ବିରଞ୍ଚି ନାରାୟଣ ମହାନ୍ତି, ଲକ୍ଷ୍ମୀକାନ୍ତ ବ୍ରହ୍ମ, ରବିନାରାୟଣ କରଣ, କମଳାକାନ୍ତ ଓଝା, ଅଧ୍ୟାପିକା ସ୍ୱପ୍ନବାସବଦତ୍ତା ସୂତାର, ସଂଘମିତ୍ରା ବେହେରା, ସଂଯୁକ୍ତା ରାଉତଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ଅସହାୟ ମହିଳାଙ୍କୁ ସହାୟତା

**ବନ୍ତ, ୧୩।୧ (ସ୍ୱ.ପ୍ର.):** ତିହିଡି ଅଞ୍ଚଳର ସାମାଜିକ କର୍ମୀ କୁମାର ଗଙ୍ଗାଧର ରବିବାର ଆଗରପଡ଼ା ମହିଷିଗୋଠ ପଞ୍ଚାୟତ ଟିକିରା ଗ୍ରାମର ବିଧବା ଅସହାୟା ଶାନ୍ତିଲତା ବାରିକ(୭୦)ଙ୍କୁ କମ୍ବଳ ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଶାନ୍ତିଲତା ଏକ ଝାଟିମାଟି ଘେରା ପଲିଥିନ ତଳେ ବହୁ ଦୁର୍ଦ୍ଦିନରେ ଜୀବନ କାଟୁଛନ୍ତି। ଶୀତ, ଥଣ୍ଡା କାକରରେ ପଡ଼ି ରହିଥିବା ଶାନ୍ତିଲତାଙ୍କ ବିଷୟରେ ଖବରକାଗଜରୁ ଜାଣିବା ପରେ ଗଙ୍ଗାଧର ତାଙ୍କୁ ସାହାଯ୍ୟ କରିଥିବା କହିଛନ୍ତି। ଏହି ଅସହାୟ ମହିଳାଙ୍କୁ ସେ ସାହାଯ୍ୟର ହାତ ବଢ଼ାଇ ଥିବାରୁ ଗ୍ରାମବାସୀ ପ୍ରଶଂସା କରିଥିଲେ। ଯୁବ ସାମାଜିକ କର୍ମୀ ମନ୍ମଥ ଦାସ, ଭାଜପା ନେତା ଗୋପାଳକୃଷ୍ଣ ଦାଶ, ଖବରଦାତା ପ୍ରଦ୍ୟୁମ୍ନ ପୁହାଣ ପ୍ରମୁଖ ଉପସ୍ଥିତ ଥିଲେ।

# ମକର ପର୍ବ ଲାଗି ଚଳଚଞ୍ଚଳ ଅଁଳାଶୁଣୀ ପୀଠ

**ଭଣ୍ଡାରିପୋଖରୀ, ୧୩।୧ (ଡି.ଏନ.ଏ.)**

ସୋମବାର ମକର ସଂକ୍ରାନ୍ତି। ମକର ପର୍ବ ଲାଗି ବିଭିନ୍ନ ପୀଠ ଚଳଚଞ୍ଚଳ ହୋଇଉଠିଛି। ଏହି ଉପଲକ୍ଷେ ମକର ମେଳା ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସାନଶାସନ ପଞ୍ଚାୟତ ବାହାଦୁଲ ନଗର ଗ୍ରାମରେ ରେବନଦୀ କୂଳରେ ଥିବା ପ୍ରସିଦ୍ଧ ମା ଅଁଳାଶୁଣୀ ପୀଠର ସପ୍ତାହ ବ୍ୟାପି ମକର ମେଳା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

ମା' ଅଁଳାଶୁଣୀ ପ୍ରତ୍ୟକ୍ଷ


ଅଁଳାଶୁଣୀ ଠାକୁରାଣୀ।

ଦେବୀ ଭାବେ ଭଦ୍ରକ ଜିଲାରେ ପ୍ରସିଦ୍ଧ। ଅଁଳା ବୃକ୍ଷମୂଳରେ ମା' ଆବିର୍ଭୁତ ହୋଇଥିବାରୁ ଅଁଳାଶୁଣି ଭାବେ ମା' କେଉଁକାଳରୁ ପୂଜା ପାଇ ଆସୁଛନ୍ତି। ସ୍ଥାନୀୟ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଶତାଧିକ ବର୍ଷ ତଳୁ ପୂର୍ବପୁରୁଷ ଅମଳରୁ ମା' ଅଁଳାଶୁଣି ଏଠାରେ ପୂଜା ପାଇ ଆସୁଛନ୍ତି। ପ୍ରତିବର୍ଷ ମକର ସଂକ୍ରାନ୍ତିଠାରୁ ଏଠାରେ ସପ୍ତାହବ୍ୟାପି ମେଳା ଅନୁଷ୍ଠିତ ହେଉଛି। ଏଠାରେ ଭଦ୍ରକ ଜିଲା ସମେତ ପଡ଼ୋଶୀ ଯାଜପୁର ଓ କେନ୍ଦୁଝର ଅଞ୍ଚଳର ଲୋକଙ୍କ ସମାବେଶ ହୋଇଥାଏ। ଶ୍ରଦ୍ଧାଳୁମାନେ ମା'ଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିବା ସହ ମେଳା ବୁଲିଥାନ୍ତି। ମା'ଙ୍କ ପାଖରେ ଯିଏ ଯାହା ମାନସିକ କରେ ତାହା ଅବିଳମ୍ବେ ପୂରଣ ହୋଇଥାଏ ବୋଲି ଜନବିଶ୍ୱାସ ରହିଛି। ଏହି ମେଳା ସମୟରେ ମା'ଙ୍କ ନିକଟରେ ମାନସିକଧାରୀଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ। ଏପରିକି ମା'ଙ୍କୁ ଆରାଧ କରି ମାନସିକଧାରୀ ଭିନ୍ନକ୍ଷମ ଓ ପେଟ ରୋଗୀ ଆରୋଗ୍ୟ ଲାଭ ମଧ୍ୟ କରିଥାନ୍ତି ବୋଲି କେତେକ ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ସ୍ଥାନୀୟ ବାହାଦୁଲନଗର, ତରାଗୋ, ରାଣୀପଡା, ବିମ୍ବଳବର, ପାଟୁଳି, ଶାସନ ଆଦି ଆଖପାଖ ଗ୍ରାମର ଲୋକଙ୍କ ସହଯୋଗରେ ମେଳା ହୋଇଆସୁଛି।

# ୩୦ରୁ ତିହିଡ଼ି ମହୋତ୍ସବ

**ତିହିଡ଼ି, ୧୩।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି କାଳୀପଡ଼ିଆରେ ଆସନ୍ତା ୩୦ ତାରିଖଠାରୁ ଶ୍ୟାମା କ୍ଲବ ପକ୍ଷରୁ ତିହିଡ଼ି ମହୋତ୍ସବ ଆରମ୍ଭ ହେବ। ୫ ଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ତିହିଡ଼ି ଉତ୍ସବମୁଖର ହେବ ବୋଲି ମହୋତ୍ସବ କମିଟି କର୍ମକର୍ତ୍ତା ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ୩୦ ତାରିଖରେ ଚାରିଦିଗରେ ଥିବା ଦେବଦେବୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଆସି ମହୋତ୍ସବ ସ୍ଥଳରେ ପହଞ୍ଚିବ। ଶ୍ୟାମା କ୍ଲବ ସଭାପତି ଶିକ୍ଷାବିତ୍ ସନାତନ ବେହେରା ଏହାକୁ ଉଦ୍‌ଘାଟନ କରିବେ। ପ୍ରତ୍ୟହ ଅପରାହ୍ନରେ ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ରଙ୍କୁ ନେଇ ପ୍ରତିଯୋଗିତା ଓ ସ୍ଥାନୀୟ ଅଞ୍ଚଳର ମହିଳାଙ୍କୁ ନେଇ ଝୋଟି ଓ ପିଠା ପ୍ରତିଯୋଗିତା ହେବ। ସେହିପରି ପ୍ରତ୍ୟହ ରାତିରେ ପ୍ରବଚନ, ସଙ୍ଗୀତ ବିଚିତ୍ରା ଓ ଗୋଟିପୁଅ, ଘୁମୁରା, ଓଡ଼ିଶୀ ଆଦି ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପ୍ରତିଷ୍ଠିତ ବ୍ୟକ୍ତି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେବେ। ମହୋତ୍ସବର ମୁଖପତ୍ର ଭାବେ 'ଶ୍ୟାମଳୀ' ପ୍ରକାଶ ପାଇବ ବୋଲି ମହୋତ୍ସବ କମିଟି ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କମିଟି ଉପସଭାପତି ଲକ୍ଷ୍ମୀଧର ତ୍ରିପାଠୀ, ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି, କୋଷାଧ୍ୟକ୍ଷ ଅମର ଜେନା, କାର୍ଯ୍ୟକାରୀ ସଦସ୍ୟ ଧୀରେନ୍ଦ୍ର ସାହୁ, ନରେନ୍ଦ୍ର ବାରିକ, ମୃତ୍ୟୁଞ୍ଜୟ ଦାସ, ମନୋଜ ସେନାପତି, ଗିରିଜା ରମଣ ଜେନା ଓ ପ୍ରଭାତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ୭୦ ବର୍ଷରେ ମକର ମେଳା

ଧାମନଗର, ୧୩।୧ (ଡି.ଏନ.ଏ.)

ଧାମନଗର ବ୍ଲକ ଭଟ୍ଟସାହି ପଞ୍ଚାୟତର ଫଳପୁର ଦପା ନାୟକାଣୀଙ୍କ ପୀଠରେ ମକର ମେଳା ୭୦ ବର୍ଷରେ ପଦାର୍ପଣ କରିଛି। ଦୀର୍ଘ ୭୦ ବର୍ଷ ପରେ ଏହି ପୀଠର ନବକଳେବର ହୋଇଛି। ନୂତନ ମନ୍ଦିର ନିର୍ମାଣ କରାଯାଇଥିବା ବେଳେ ମକର ମେଳା ପାଇଁ ପୂଜା କମିଟିର ପ୍ରସ୍ତୁତି ଶେଷ ହୋଇଯାଇଛି। ପ୍ରତିଦିନ ମା'ଙ୍କ ପୀଠରେ ନଡ଼ିଆ ଭୋଗ ଲାଗି ହେଉଥିବାବେଳେ ୭ ଦିନ ଧରି ପାଳିତ ହୋଇଆସୁଥିବା ମକର ମେଳାରେ ଖଇ, ଉଖୁଡା, କଦଳୀ, ନଡ଼ିଆ ଏବଂ ବାରମିଶା ଭୋଗ ଲାଗି ହୁଏ। ପ୍ରତ୍ୟେକ ଦିନ ଖିଚୁଡି ଭୋଗ ଲାଗି ହୋଇ ସମସ୍ତ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଏ। ମାନସିକଧାରୀ ମାନସିକ ପୂରଣ ପାଇଁ କୁକୁଡା ଉଡା, ମାଟିଘୋଡା, ଦୀପ ଏବଂ ବସ୍ତ୍ରଦାନ ବିଧି ହୋଇଆସୁଥିବା ପୂଜା କମିଟି ସଭାପତି ଶ୍ୟାମସୁନ୍ଦର ବାରିକ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ମେଳାରେ ମୀନାବଜାର ପଡ଼ିଛି। ସେହିପରି ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଅପେରା ପାର୍ଟିପ୍ରଦର୍ଶନ କାର୍ଯ୍ୟକ୍ରମ ରହିଥିବା ସମ୍ପାଦକ ପ୍ରଦୀପ ମହାପାତ୍ର ସୂଚନା ଦେଇଛନ୍ତି।

ଜନଶ୍ରୁତି ରହିଛି ଯେ, ଏହି ପୀଠକୁ ଉପର ଦପାନାୟକାଣୀ ପୀଠ ବୋଲି କୁହାଯାଉଥିଲା। ବୈତରଣୀ ଶାଖା ଗେଙ୍ଗୁଟି ନଦୀ ବନ୍ଧମୁଣ୍ଡ ନିକଟରେ ମା'ଙ୍କ ବିଜେସ୍ଥଳୀ। ପୂର୍ବରୁ ଚାଷୀମାନେ ଏହି ସ୍ଥାନରେ ବନ୍ଧ ବାନ୍ଧି ବନ୍ୟାଜଳକୁ ଅଟକ ରଖି ମରୁଡ଼ିରୁ ଚାଷକୁ ଉଦ୍ଧାର କରୁଥିଲେ।


ଫଳପୁର ମା' ଦପା ନାୟକାଣୀଙ୍କ ନବନିର୍ମିତ ମନ୍ଦିର।

**ଦପା ନାୟକାଣୀ ପୀଠର ନବକଳେବର**

ସ୍ଥାନୀୟ ପଞ୍ଚାୟତଗୁଡ଼ିକର ଚାଷୀ ମେଳି ହୋଇ ବନ୍ଧ ବାନ୍ଧୁଥିଲେ। ୧୯୪୯ରେ ତିଆରି ବନ୍ଧରେ ବନ୍ୟାଜଳକୁ ଚାଷୀମାନେ ଅଟକାଇ ପାରି ନ ଥିଲେ। ସେତେବେଳେ ସେମାନେ ବନ୍ଧ ନିକଟରୁ ଏକ ସୁନ୍ଦର ପଥର ପାଇଥିଲେ। ସେହି ପଥରକୁ ନିକଟସ୍ଥ ଏକ ଅଶ୍ୱତଥ୍ ଗଛ ମୂଳେ ରଖି ସିନ୍ଦୁର ଲଗାଇ ଈଶ୍ୱରପୁରର ପ୍ରସିଦ୍ଧ ମା' ତଳ ଦପା ନାୟକାଣୀଙ୍କ ନାମ ଦେଇ ପୂଜା କରି ପୁଣି ବନ୍ଧକାର୍ଯ୍ୟ ଆରମ୍ଭ କରିଥିଲେ। ଏହି ନଦୀବନ୍ଧ ଦ୍ୱାରା ସେମାନେ ବନ୍ୟାଜଳକୁ ଅଟକାଇ ପାରିଥିଲେ। ସେହିବର୍ଷଠାରୁ ଉକ୍ତ ଅଞ୍ଚଳରେ ଦୀର୍ଘଦିନ ଧରି ଆଉ ମରୁଡି ହୋଇ ନ ଥିଲା। ମା'ଙ୍କୁ ପୂଜାର୍ଚ୍ଚନା ପରେ ବହୁ ଭକ୍ତ ମା ଦପା ନାୟକାଣୀ ବନ୍ଧମୁଣ୍ଡରେ ଆବିର୍ଭାବ ହୋଇଥିବା ନେଇ ସ୍ୱପ୍ନାଦେଶ ଦେଇଥିଲେ। ସେବେଠାରୁ ପୀଠ ପାର୍ଶ୍ୱସ୍ଥିତ ଭଟ୍ଟସାହି, ନଦୀଗାଁ, କୋଠାର, ବୟାଳଙ୍ଗିହି, ଦଳାଙ୍ଗ ଓ ଅର୍ଜୁନପୁର ଆଦି ପଞ୍ଚାୟତର ଚାଷୀ ମିଳିତ ଭାବେ ମକର ସଂକ୍ରାନ୍ତିରୁ ୭ ଦିନ ଧରି ମକର ମେଳା ପାଳନ କରିଆସୁଛନ୍ତି। ୨୦୦୫ରେ ଜିଲା ପରିଷଦ ଗଣେଶ ଦାସଙ୍କ ଉଦ୍ୟମରେ ପୀଠରେ ଛୋଟ ସ୍ଥାୟୀ ପକ୍କାଘର କରାଯାଇଥିଲା। ପରେ ସେଠାରେ ମନ୍ଦିର ନିର୍ମାଣ ଲାଗି ଭକ୍ତଙ୍କ ଉଦ୍ୟମ ପରେ ୨୦୧୮ରେ ବିଧାୟକ ମୁକ୍ତିକାନ୍ତ ମଣ୍ଡଳଙ୍କ ବିଧାୟକ ପାଣ୍ଠିରୁ ଅନୁଦାନରେ ମନ୍ଦିର ନିର୍ମାଣ ଶେଷ ହୋଇଛି। ବୟାଳଙ୍ଗିହି ସରପଞ୍ଚ ଗୋପାଳ ବେହେରା ମନ୍ଦିରର ସୌନ୍ଦର୍ଯ୍ୟକରଣ ପାଇଁ ଅର୍ଥ ଅନୁଦାନ ଦେଇଥିବା କର୍ମକର୍ତ୍ତା ରଘୁନାଥ ସାହୁ କହିଛନ୍ତି।

## ବାସୁଦେବପୁର ସୌରଭ ସମ୍ମାନ ସମାରୋହ ଉଦ୍‌ଯାପିତ

**ବାସୁଦେବପୁର, ୧୩।୧ (ଡି.ଏନ.ଏ.)**

ବାସୁଦେବପୁର ଯାଦବପଡ଼ିଆଠାରେ ନବନିର୍ମାଣ ସେନା ପକ୍ଷରୁ ଚାଲିଥିବା ବାସୁଦେବପୁର ସୌରଭ ସମ୍ମାନ ଉତ୍ସବ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରବଚକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ସାରସ୍ୱତ ଓ ସାଂସ୍କୃତିକ ସମାରୋହ ଗୋଟିଏ ଅଞ୍ଚଳର ଗୁରୁତ୍ୱ ବଢ଼ାଇଥାଏ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସହକାରୀ ଜିଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ ଓ ଅନ୍ୟତମ ଅତିଥି ଭାବେ ଗୀତିକାର ପୀତାମ୍ବର ମିଶ୍ର ଯୋଗ ଦେଇଥିଲେ। ପ୍ରଦୀପ କୁମାର ମହାନ୍ତି ସଭାରେ ପୌରୋହିତ୍ୟ କରିଥିଲେ। ନବନିର୍ମାଣ ସେନାର ସଭାପତି ଜୟପ୍ରକାଶ ମଲିକ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ। ସେହିପରି ୮ମ ଦିବସ ସମାରୋହରେ ଭାଜପା ଜିଲା ଉପସଭାପତି ଅଶୋକ କୁମାର ସାହୁ ମୁଖ୍ୟଅତିଥି, ଆଇନଜୀବୀ ସ୍ମୃତିରଞ୍ଜନ ପଲିତା ଅନ୍ୟତମ ଅତିଥି ଏବଂ ସାମାଜିକ କର୍ମୀ ମହେଶ ଚନ୍ଦ୍ର ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଗଗନ ବିହାରୀ ସେଠୀ ସଭାପତିତ୍ୱ କରିଥିଲେ। ଉଦ୍‌ଯାପନୀ ସମାରୋହରେ ୧୧ ଜଣ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଶିଶୁମନ୍ଦିର ବାର୍ଷିକ ଉତ୍ସବରେ ୮୦ ଛାତ୍ରୀଛାତ୍ର ପୁରସ୍କୃତ

**ଧାମନଗର, ୧୩।୧(ଡି.ଏନ.ଏ.)**

ଧାମନଗର ବ୍ଲକ ଧୂଷୁରୀ ସରସ୍ୱତୀ ଶିଶୁମନ୍ଦିରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୮୦ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଛି। ଶିଶୁମନ୍ଦିର କମିଟି ଉପସଭାପତି କାହ୍ନୁଚରଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଯୋଗଦେଇ ବିଦ୍ୟାଳୟ ପରିଚାଳନାରେ ସନ୍ତୋଷ ପ୍ରକାଶ କରିବା ସହ ଆର୍ଥିକ ଅନୁଦାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିନୋଦ ନାୟକ, ନାରାୟଣ ଚନ୍ଦ୍ର ସାହୁ, ସଭାପତି ରୁକ୍ମିଣୀ ଗୁପ୍ତା, ଅସୁରାଳି ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଅନ୍ତର୍ଯ୍ୟାମୀ ପରିଡା ପ୍ରମୁଖ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ନମିତା ରାଉତ ବାର୍ଷିକ ବିବରଣୀ ପାଠ ଓ ସମ୍ପାଦକ ହରିହର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କଳ୍ପନା ଦେବତା ଧନ୍ୟବାଦ ଦେଇଥିଲେ। ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ଦିବାକର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଖୋର୍ଦ୍ଧା ଆଲିଆନା କ୍ଲବ ଚାମ୍ପିୟନ


ବିଜୟୀ ଦଳର ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

**ବାସୁଦେବପୁର, ୧୩।୧ (ଡି.ଏନ.ଏ.)**

ବାସୁଦେବପୁର ଶୁଙ୍ଗୁଡାସ୍ଥିତ ନୀଳମଣି ମିନିଷ୍ଟାଡିୟମ ପରିସରରେ ଶ୍ରୀଗଣେଶ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୨ତମ ଆନ୍ତଃ ରାଜ୍ୟ ଦିବାକର ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଖୋର୍ଦ୍ଧା ଆଲିଆନା କ୍ଲବ ଟ୍ରାଇବେକର ଗୋଲ୍ ଜରିଆରେ ଚାମ୍ପିୟନ ହୋଇଛି। ବାଲେଶ୍ୱର ମିଶନ ଟାଇଗର ଟିମ୍ ଓ ଆଲିଆନା ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଖେଳର ଦ୍ୱିତୀୟାର୍ଦ୍ଧରେ ୧-୦ ଗୋଲ୍‌ରେ ଖୋର୍ଦ୍ଧା ଅଗ୍ରଣୀ ଥିବାବେଳେ ବାଲେଶ୍ୱର ଟିମ୍ ଗୋଲ୍‌କୁ ପରିଶୋଧ କରିଥିଲା। ଅମୀମାଂସିତ ଭାବେ ଖେଳ ଶେଷ ହେବା ପରେ ଟ୍ରାଇବ୍ରେକରରେ ଆଲିଆନା କ୍ଲବ ଖୋର୍ଦ୍ଧା ଚାମ୍ପିୟନ ହୋଇଥିଲା। ଅତିଥି ଭାବେ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଓ ବିଜେଡି ଜିଲା ସାଧାରଣ ସମ୍ପାଦକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ବିଜୟୀ ଓ ରନର୍ସଅପ୍‌କୁ ଟ୍ରଫି ଓ କପ୍ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି ଯୋଗ ଦେଇଥିଲେ। ବନମାଳୀ ବାରିକ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଓଏଏସ୍ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ରାଜା ରଣଜିତ ପ୍ରତାପ ବଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀଗଣେଶ କ୍ଲବ ସଭାପତି ଗୌରାଙ୍ଗ ବେହେରା ସ୍ୱାଗତ ଭାଷଣ ପ୍ରଦାନ ଓ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ। ଉଦୟ କୁମାର ଜେନା ଅତିଥି ପରିଚୟ ପ୍ରଦାନ ଓ ଦିଗ୍‌ବିଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଆମ ସଂସ୍କୃତି ଓ ପରମ୍ପରାକୁ ଭୁଲିବା ଉଚିତ ନୁହେଁ'

**ଭଦ୍ରକ ଅଫିସ, ୧୩।୧**

ଭଦ୍ରକ ନୂଆବଜାର ଗାନ୍ଧିପଡ଼ିଆଠାରେ ସଞ୍ଜୀବ ଜୁଏଲର୍ସ ପ୍ରାୟୋଜିତ ଜିଲା ମହୋତ୍ସବର ୮ମ ସନ୍ଧ୍ୟା କାର୍ଯ୍ୟକ୍ରମ କମିଟିର ସ୍ଥାୟୀ ସଭାପତି ପଣ୍ଡିତ ଦୈତାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗାଶଙ୍କର ବିଶ୍ୱାଳ ଅତିଥି ପରିଚୟ ଏବଂ ସମ୍ପାଦକ ଶ୍ରୀକାନ୍ତ ତ୍ରିପାଠୀ ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ତଥା ଅଭିନେତା ଆକାଶ ଦାସ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ନାୟକ କହିଥିଲେ, ଆମେ ଆଧୁନିକତାର ଯେତେ ଶୀର୍ଷକୁ ଗଲେ ମଧ୍ୟ ଆମ




ସଂସ୍କୃତି ଓ ପରମ୍ପରାକୁ ଆଦୌ ଭୁଲିଯିବା ଉଚିତ ନୁହେଁ। ମହୋତ୍ସବ ମାଧ୍ୟମରେ ଲୋକ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଏକ ବଡ଼ ପଦକ୍ଷେପ। ଅନ୍ୟତମ ଅତିଥି ଭାବେ ସଞ୍ଜୀବ ଜୁଏଲର୍ସର ପ୍ରୋପାଇଟର, ଯୁବନେତା ସଞ୍ଜୀବ ମଲ୍ଲିକ ଯୋଗଦେଇ ସଂସ୍କୃତି ସମ୍ପନ୍ନ ଭଦ୍ରକ ମାଟି ସବୁବେଳେ ଯୁଗଜନ୍ମାଙ୍କୁ ଜନ୍ମ ଦେଇ ଆସିଛି ବୋଲି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଧାୟକ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ ନାୟକ, ପଣ୍ଡିତ ହୃଷୀକେଶ ରଥ, ସ୍ତମ୍ଭକାର ଡ. ନରହରି ବେହେରା, କେନ୍ଦ୍ରାପଡ଼ା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଖବରଦାତା ସତ୍ୟ ସ୍ୱାମୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରଶ୍ମିତା ଦାଶ, ପ୍ରଗତିକା ଦାଶ, ଗଣେଶ ତ୍ରିପାଠୀ, ଚର୍ଚ୍ଚିକା ମହାପାତ୍ର, କରୁଣାକର ବେହୁରିଆ, ଅଶୋକ ମହନ୍ତି, ରାକେଶ ଦାସ, ରୁଦ୍ରମାଧବ ବାରିକ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

## ଟ୍ରାକ୍ଟରରୁ ଖସିପଡ଼ି ଯୁବକ ଗୁରୁତର

ଭଣ୍ଡାରିପୋଖରୀ, ୧୩।୧ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର କହରାପୋଖରୀଠାରେ ରବିବାର ଅପରାହ୍ନରେ ଟ୍ରାକ୍ଟରରୁ ଖସିପଡ଼ି ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଧାନ ବୋଝେଇ କରି ଏହି ଟ୍ରାକ୍ଟର ଭଣ୍ଡାରିପୋଖରୀ ଆଡ଼କୁ ଯାଉଥିବା ବେଳେ ଗାଡ଼ିରେ ବସିଥିବା ଆନ୍ଧ୍ରପ୍ରଦେଶ ଅଞ୍ଚଳର ଝାଡେଶ୍ୱର ରେଡ୍ଡୀ(୪୦) ତଳକୁ ଖସିପଡ଼ିଥିଲେ। ଟ୍ରାକ୍ଟର ପଛ ଚକ ତାଙ୍କ ଗୋଡ଼ରେ ଚଢ଼ିଯିବାରୁ ଗୋଡ଼ ଭାଙ୍ଗିଯାଇଛି। ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# 'ଆରୋଗ୍ୟ ଲାଗି ନିୟମିତ ଯୋଗାଭ୍ୟାସ ଜରୁରୀ'

**ଭଦ୍ରକ ଅଫିସ, ୧୩।୧**

ବିଶ୍ୱ ଯୋଗଗୁରୁ ବାବା ରାମଦେବଙ୍କ ଶିଷ୍ୟ ସ୍ୱାମୀ ବିଦେହ ଦେବଜୀ ୩ ଦିନିଆ ଭଦ୍ରକ ଗସ୍ତରେ ଆସି ବିଭିନ୍ନ ଯୋଗ ତଥା ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ ଫେରିଛନ୍ତି। ରବିବାର ଅପରାହ୍ନରେ ଭଦ୍ରକ କୁଆଁସ ନିକଟସ୍ଥ ଆର୍ଯ୍ୟସମାଜ ପୂଜା ମଣ୍ଡପ ଗୃହରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପତଞ୍ଜଳି ଯୋଗ ଶିବିର କିଭଳି ଭଦ୍ରକ ଜିଲାରେ କାର୍ଯ୍ୟ କରି ଲୋକପ୍ରିୟତା ହାସଲ କରିପାରିଛି ସେ ସମ୍ପର୍କରେ ଟିପ୍ପଣୀ ରଖିଥିଲେ। ଘରୋଇ ଚିକିତ୍ସା ଓ ଯୋଗ ଦ୍ୱାରା କିଭଳି ଦୁରାରୋଗ୍ୟ କ୍ୟାନ୍‌ସର ଭଳି ରୋଗର ନିରାକରଣ ହୋଇପାରୁଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ନିୟମିତ ଯୋଗାଭ୍ୟାସ ଦ୍ୱାରା ଶରୀର ଆରୋଗ୍ୟ ରହେ ବୋଲି ସେ କହିବା ସହ ଏହାର ଅନ୍ୟାନ୍ୟ ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ଭଦ୍ରକ ଜିଲା ଯୋଗ ପ୍ରଚାରକ ଧରଣୀଧର କରଙ୍କ ନେତୃତ୍ୱରେ ଯୋଗ ନିରୀକ୍ଷକ ଦୀପକ ପାଠକ୍, ପତଞ୍ଜଳି ମହିଳା ପ୍ରଭାରୀ ଅର୍ପିତା ମହାନ୍ତି, ଭାରତ ସ୍ୱାଭିମାନର ପ୍ରଭାରୀ ସୁରେନ୍ଦ୍ର ଦାସ, ମହିଳା ସହପ୍ରଭାରୀ ସସ୍ମିତା ଦାସ, କୋଷାଧ୍ୟକ୍ଷ ରମାକାନ୍ତ ପାଣିଗ୍ରାହୀ, ପ୍ରତାପ ପଟ୍ଟନାୟକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଗଙ୍ଗାଧର ମଲିକ, ପ୍ରଫୁଲ୍ଲ ମଲିକ, ହେମଲତା ମଲିକ, ସୁଷମା ରାଉତ, ଯୋଗୀ ସଞ୍ଜୀବ, ମୁଜିବୋର ରହେମାନ ଖାନ ପ୍ରମୁଖ ଶତାଧିକ ଯୋଗ ଶିକ୍ଷକ ଯୋଗଦାନ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଯୋଗ ଗୁରୁ (ଡାହାଣରୁ ତୃତୀୟ) ଓ ଅନ୍ୟମାନେ।

■ ଜେଏସ୍‌ଡବ୍ଲ୍ୟୁ ଭଦ୍ରକ ପ୍ରିମିୟର ଲିଗ୍ ଟି୨୦

# ସନ୍‌ରାଇଜର୍ସ ସୁପରଜାଏଣ୍ଟ୍‌ସକୁ ଚାମ୍ପିୟନ ଟ୍ରଫି

**ଭଦ୍ରକ ଅଫିସ, ୧୩।୧**

ଭଦ୍ରକ ଚରମ୍ପା ପଥରକାଳୀ ପଡ଼ିଆରେ ଇଷ୍ଟକୋଷ୍ଟ ରେଳବାଇ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଚାଲିଥିବା ଭଦ୍ରକ ପ୍ରିମିୟର ଲିଗ୍ ଚତୁର୍ଥ ସଂସ୍କରଣର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲରେ ମହାବୀର ୱାରିୟର୍ସକୁ ହରାଇ ସନ୍‌ରାଇଜର୍ସ ସୁପରଜାଏଣ୍ଟ୍‌ସ ଚାମ୍ପିୟନ ହୋଇଛି। ମହାବୀର ୱାରିୟର୍ସ ଓ ସନ୍‌ରାଇଜର୍ସ ସୁପର ଜାଏଣ୍ଟ୍‌ସ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ସନ୍‌ରାଇଜର୍ସ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ ହରାଇ ୨୧୧ ରନ୍ କରିଥିଲା। ମହାବୀର ୱାରିୟର୍ସ ଦଳ ବ୍ୟାଟିଂ କରି ୧୦୫ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଅସିତ ପଟ୍ଟନାୟକ ଏବଂ ଶରତ ସାହୁ ଅମ୍ପାୟାର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଦେବନ ନାୟକ, ସୌରଭ ଦାସ, ନିରାକାର ସାହୁ ସ୍କୋରର ଥିଲେ।



ଅତିଥିଙ୍କ ଦ୍ୱାରା ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଉଛି।

ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ହକି ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ ଯୋଗଦେଇ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଯୁବନେତା ଅସିତ ପଟ୍ଟନାୟକ, ସଞ୍ଜୟ ସିଂ, ଦେବଦତ୍ତ ପଣ୍ଡା, ଭଦ୍ରକ କ୍ରିକେଟ ଆସୋସିଏସନ ସମ୍ପାଦକ ଉପେନ୍ଦ୍ର ବାରିକ, ଭଦ୍ରକ ବ୍ଲକ ଅଧ୍ୟକ୍ଷ ରଘୁନାଥ ଧଳ ପ୍ରମୁଖ ଯୋଗ ଦେଇଥିଲେ। ଖେଳ ପ୍ରାରମ୍ଭରେ ଭଦ୍ରକ ଆସିଷ୍ଟାଣ୍ଟ କଲେକ୍ଟର ସୌମ୍ୟଶ୍ରୀ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କ ସହ କରମର୍ଦ୍ଦନ କରିଥିଲେ। ପୁରସ୍କାର ବିତରଣ ସଭାରେ ଅଧ୍ୟକ୍ଷ ବୈଷ୍ଣବ ମହାନ୍ତି ସଂଯୋଜନା କରିଥିଲେ। ସମ୍ପାଦକ ହୃଦାନନ୍ଦ ଦାସ, ବୈଷୟିକ ମୁଖ୍ୟ କେ.ଭି.ପ୍ରସାଦ, ମିଡିଆ ପ୍ରଭାରୀ ବିମଳ ମିଶ୍ର, ପରେଶ ନାଏକ, ଶ୍ରୀଧର ମିଶ୍ର, କୋଷାଧ୍ୟକ୍ଷ ଶୁଭେନ୍ଦୁ ବେହେରା, ହରିହର ବେହେରା, ଶ୍ରୀବତ୍ସ ଉପାଧ୍ୟାୟ, ଦିଲୀପ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ଚେତନ ସ୍ମାରକୀ କ୍ରିକେଟ:ବାଲେଶ୍ୱର ୟୁନିୟନ ସ୍ପୋର୍ଟିଂ ବିଜୟୀ

**ତିହିଡ଼ି, ୧୩।୧ (ଡି.ଏନ.ଏ.)**

ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତର କାଳୀପଡ଼ିଆରେ ରବିବାର ଚେତନ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ତିହିଡ଼ି ଥାନା ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ କଟକ ମା' ମଙ୍ଗଳା କ୍ରିକେଟ ଟିମ୍‌କୁ ୮ ଉଇକେଟରେ ହରାଇ ବାଲେଶ୍ୱର ୟୁନିୟନ ସ୍ପୋର୍ଟିଂ ବିଜୟୀ ହୋଇଛି। ମା' ମଙ୍ଗଳା ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରୁ ୧୮.୨ ଓଭର ଖେଳି ୧୫୩ ରନ୍ କରି ମା' ମଙ୍ଗଳା ଟିମ୍ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ୟୁନିୟନ ସ୍ପୋର୍ଟିଂ ୧୩.୩ ଓଭରରେ ୨ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ପ୍ରଭାତ କୁମାର ନାୟକ ଓ ତପନ ଜେନା ମ୍ୟାଚ୍ ପରିଚାଳନା କରିଥିଲେ। କ୍ଷୀରୋଦ ଜେନା, ମନୋଜ ଦାସ, ସତ୍ୟ ସାବତ, ପ୍ରଦୀପ ଜେନା, ପ୍ରଶାନ୍ତ ବେହେରା ଓ ବିବେକ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଅବକାରୀ ବିଭାଗର ଚଢ଼ାଉ: ୪ ଗିରଫ

ବସ୍ତା, ୧୩।୧(ସ୍ୱ.ପ୍ର.)- ବସ୍ତା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଚୋରା ମଦ କାରବାର ଅଭିଯୋଗରେ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୨୯ଲିଟର ଦେଶୀମଦ ଜବତ ହୋଇଛି। ସବଇନ୍ସପେକ୍ଟର ଅର୍ଜୁନ କୁମାର ମଲିକ ସଦଳବଳେ ଚଢ଼ାଉ କରି ଭେଲୋରାର ଗୋପାଳ ହାଁସଦା, ପାଉଁଶକୁଲିର ସାରଥୀ ସିଂ, ପଞ୍ଚୁପାଲିର ଗୌରମୋହନ ଦାସ, ବାୟା ର ସନାତନ ମାନ୍ନାଙ୍କଠାରୁ ଏହି ମଦ ଜବତ ସହ ସେମାନଙ୍କୁ ଗିରଫ କରାଯାଇଛି।

### ସାମୂହିକ ସୂର୍ଯ୍ୟ ନମସ୍କାର

ଆନନ୍ଦପୁର,୧୩।୧(ସ୍ୱ.ପ୍ର.): ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରରେ ସାମୂହିକ ସୂର୍ଯ୍ୟ ନମସ୍କାର ଓ ବନବିହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅନନ୍ତ ଚରଣ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ତହସିଲଦାର ତପନ ନାୟକ, ସମ୍ମାନିତ ଅତିଥି ବିଇଓ କାର୍ଯ୍ୟାଳୟର କିରାଣି ରବିନାରାୟଣ ମିଶ୍ର, ବିଦ୍ୟାଳୟର ସଭାପତି ଦୁର୍ଗା ଚରଣ ଦଲେଇ, ସମ୍ପାଦକ ସର୍ବେଶ୍ୱର ଦଲେଇ, ଉପସଭାପତି ମମତାରାଣୀ ଜେନା, କମିଟି ସଦସ୍ୟ ଅନ୍ନପୂର୍ଣ୍ଣା ନନ୍ଦି ପ୍ରମୁଖ ଯୋଗ ଦେଇଥିଲେ। କ୍ରୀଡ଼ା ଓ ବୃତ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ଛାତ୍ରୀଙ୍କୁ ଆତ୍ମରକ୍ଷା ତାଲିମ

ଆନନ୍ଦପୁର,୧୩।୧(ସ୍ୱ.ପ୍ର.): ଆନନ୍ଦପୁର ବ୍ଲକ ଶାଳବଣି ପଞ୍ଚାୟତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧାପକ ଗୋପବନ୍ଧୁ ଆପଟଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ଭାବେ ଭାଗ୍ୟଶ୍ରୀ ସାହୁ ଯୋଗଦେଇ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଶିବିରରେ ମହାବିଦ୍ୟାଳୟର ଅଧକ୍ଷ ପଦ୍ମନାଭ ମିଶ୍ର ଛାତ୍ରୀଙ୍କୁ ଆତ୍ମରକ୍ଷା ଶିବିରର ଉଦ୍ଦେଶ୍ୟ ଓ କୌଶଳର ବ୍ୟବହାର ସମ୍ପର୍କରେ ସୂଚନା ଦେଇଥିଲେ।

### ୧୯୭୨ ବ୍ୟାଚ୍‌ର ବନ୍ଧୁମିଳନ

ଭଦ୍ରକ ଅଫିସ, ୧୩।୧ - ଭଦ୍ରକ ବ୍ଲକ ଗେଲଟୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୯୭୨ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବ୍ୟାଚ୍‌ର ରାଧାରାଣୀ ପଟ୍ଟନାୟକ, ପବିତ୍ର ଦାସ, ମାଧବାନନ୍ଦ ମହାନ୍ତି, ଭରତ ଚନ୍ଦ୍ର ଉପାଧ୍ୟାୟ, ପୁରୁଷୋତ୍ତମ ଉପାଧ୍ୟାୟ, ଜୟକୃଷ୍ଣ ସେନାପତିଙ୍କ ଉଦ୍ୟମକ୍ରମେ ଏହି ଉତ୍ସବ ଆୟୋଜିତ ହୋଇଥିଲା। ସମସ୍ତ ପୁରାତନ ଛାତ୍ରୀଛାତ୍ର ଅତୀତର ଅନୁଭୂତିକୁ ପରସ୍ପର ମଧ୍ୟରେ ବାଣ୍ଟିଥିଲେ। ନିଜର ପ୍ରଥମ ଶିକ୍ଷାନୁଷ୍ଠାନ ଗେଲଟୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଉନ୍ନତି ପାଇଁ ସହାୟତାର ହାତ ବଢ଼ାଇବାକୁ ଉପସ୍ଥିତ ଛାତ୍ରୀଛାତ୍ର ମତ ପ୍ରକାଶ କରିଥିଲେ।

### ଛାତ୍ର ଜୀବନର ସ୍ମୃତିକୁ ମନେ ପକାଇଲେ

ବନ୍ତ, ୧୩।୧ (ସ୍ୱ.ପ୍ର.) - ବନ୍ତ ବ୍ଲକ ଆଗରପଡ଼ା କୃଷ୍ଣଚରଣ ବିଦ୍ୟାମନ୍ଦିରର ୧୯୯୩ ବ୍ୟାଚ୍ ଛାତ୍ରମାନଙ୍କ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଗରପଡ଼ା ନିକଟସ୍ଥ ଗୋବରା ହୁଡ଼ି ସିଦ୍ଧମଠ ପରିସରରେ ପୁରାତନ ଛାତ୍ରମାନେ ଯୋଗଦେଇ ଛାତ୍ର ଜୀବନର ସ୍ମୃତିକୁ ମନେ ପକାଇଥିଲେ। ପ୍ରଦ୍ୟୁମ୍ନ ରଥ, ଉମାକାନ୍ତ ରାଉତ, ପ୍ରଦ୍ୟୁମ୍ନ ପୁହାଣ, ଅରୁଣ ପାଣିଗ୍ରାହୀ, ପ୍ରତାପ ରାଉତ, ଗୌରାଙ୍ଗ ସାହୁ, ରମାକାନ୍ତ ସାମନ୍ତରାୟ ଓ ରଣଜିତ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

### ସରସ୍ୱତୀ ଶିଶୁମନ୍ଦିର ବାର୍ଷିକ ଉତ୍ସବ

ବସ୍ତା, ୧୩।୧(ସ୍ୱ.ପ୍ର.)- ବସ୍ତା ବ୍ଲକ ନଳବାହାର ସରସ୍ୱତୀ ଶିଶୁ ମନ୍ଦିରର ପଞ୍ଚଦଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ନିତ୍ୟାନନ୍ଦ ସାହୁ, ସମ୍ମାନନୀୟ ଅତିଥି ଭାବେ କ୍ଷେଟବ୍ୟାଙ୍କ ଡିଭିଜନାଲ ମ୍ୟାନେଜର ଶ୍ରୀକାନ୍ତ ଶର୍ମା, ସରପଞ୍ଚ ବନିତା ବିଶ୍ୱାଳ, ମୁଖ୍ୟବକ୍ତା ବାଲେଶ୍ୱର ସଂକୁଳ ପ୍ରମୁଖ ଉପେନ୍ଦ୍ରନାଥ ପାତ୍ର ଉଦ୍‌ବୋଧନ ଦେଇ ଭାରତୀୟ ଶିକ୍ଷା, ସଂସ୍କୃତି ଓ ପରମ୍ପରା ଉଚ୍ଚକୋଟୀର ବୋଲି ଦର୍ଶାଇଥିଲେ। ରାମଚନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ କୋଷାଧକ୍ଷ ଚକ୍ରଧର ସେଠୀ ଅତିଥି ପରିଚୟ ଦେଇଥିବା ବେଳେ ସମ୍ପାଦକ ସୁବ୍ରତ ପରିଡ଼ା ସ୍ୱାଗତଭାଷଣ ଦେଇଥିଲେ। ପ୍ରଧାନଆଚାର୍ଯ୍ୟା ମିନତୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସୁଶ୍ରୀ ବୈଷ୍ଣବୀ ଭୂୟାଁ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ଦ୍ୱାରା ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଗୁରୁଜୀ, ଗୁରମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁନୀଲଙ୍କ ଚିକିତ୍ସାରେ ଅର୍ଥ ବାଧକ

- ଅସୁସ୍ଥ ହେଉଛି ଶରୀର
- ଦୁର୍ବଳ ହେଲାଣି ଅଣ୍ଟା

ହାଟଡିହୀ, ୧୩।୧(ଡି.ଏନ.ଏ.)

ସରକାର ସାଧାରଣ ଗରିବ ଲୋକଙ୍କ ପାଇଁ ବିନା ମୂଲ୍ୟର ଚିକିତ୍ସା ସୁବିଧା ଯୋଗାଇ ଦେଉଥିବା ପ୍ରଚାର ପ୍ରସାର କରାଯାଉଛି। ତାହା ଗରିବଙ୍କ ପାଇଁ ପ୍ରହଶନ ହୋଇଥିବା କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ମରେିଗାଁ ଗ୍ରାମର ରତ୍ନାକର ସାଙ୍କ ପୁଅ ସୁନୀଲ(୨୬)ଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ସେ ଜଣେ ବିଏସସି ଛାତ୍ର। ହଠାତ ଦୁଇ ବର୍ଷ ତଳେ ଦୁର୍ବଳ ହୋଇପଡ଼ି ଚାଲିବା କଷ୍ଟକର ହୋଇପଡ଼ିଛି। ଏ ନେଇ ବିଭିନ୍ନ ଡାକ୍ତରଖାନାରେ ଦେଖାଇ ଔଷଧ ଖାଇଥିଲେ ମଧ୍ୟ ସୁସ୍ଥ ହୋଇ ପାରୁନାହାନ୍ତି। ଦିନକୁ ଦିନ ଶରୀର ଅସୁସ୍ଥ ହୋଇପଡ଼ି ଗୋଡ଼ ସରୁ ହୋଇ ଯାଉଛି। ଅଣ୍ଟା ଦୁର୍ବଳ ହୋଇ ପଡୁଛି। ଅର୍ଥ ନ ଥିବାରୁ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହୋଇପାରୁନାହାନ୍ତି। ଏକାକି ଠିଆ ହୋଇ ପାରୁନାହାନ୍ତି। ଦିନେ ବାପର ବଡ଼ପୁଅ ହୋଇ ପରିବାରର ବୋଝ ଉଠାଉଥିଲେ। ୨୬ ବର୍ଷର ପୁଅର ବୋଝ ମା'ବାପାଙ୍କ ଉପରେ ପଡୁଛି। ଗରିବ ଶ୍ରେଣୀର ହୋଇଥିବାରୁ ଚିକିତ୍ସା ସେବା ମିଳିପାରୁ ନ ଥିବା ପରିବାର ଲୋକେ କହିଛନ୍ତି। ଶିକ୍ଷିତ ଯୁବକର ଏଭଳି ଅବସ୍ଥା ନେଇ ସୁନୀଲ ନିଜକୁ ଅସହାୟ ମନେ କରୁଛନ୍ତି। ତାଙ୍କୁ ନେଇ ପରିବାର ଲୋକ ଚିନ୍ତାଗ୍ରସ୍ତ ହୋଇପଡ଼ିଛନ୍ତି। ସରକାରଙ୍କର ବିଭିନ୍ନ ଯୋଜନାରେ ସ୍ୱାସ୍ଥ୍ୟ ସେବା ଥିଲେ ହେଁ ଗରିବ ପରିବାର ପାଇଁ କାମରେ ଲାଗୁନି ବୋଲି ଆଲୋଚନା ହେଉଛି। ଏଭଳି ଶିକ୍ଷିତ ଯୁବକକୁ ପ୍ରଶାସନର ସହଯୋଗରେ ହାତ ବଢ଼ାଇ ଚିକିତ୍ସା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ଚିକିତ୍ସା ସେବା ଅପେକ୍ଷାରେ ଥିବା ସୁନୀଲ।

# ଯାତ୍ରୀଙ୍କୁ ଛାଡି ବସ୍ ଚାଳକ, ହେଲ୍‌ପର ଫେରାର

କେନ୍ଦୁଝର ୧୩।୧ (ସ୍ୱ.ପ୍ର.)

ସଦର ଥାନା ଅନ୍ତର୍ଗତ ଟାଙ୍ଗରାଣୀ ନିକଟ ୨୦ ନମ୍ବର ଜାତୀୟ ରାଜପଥରେ ରବିବାର ଅପରାହ୍ନରେ ଅଧା ରାସ୍ତାରେ ବସ୍ ଛାଡି ଚାଳକ ଓ ହେଲ୍‌ପର ଫେରାର ହୋଇଯିବା ଚର୍ଚ୍ଚାର ବିଷୟ ହୋଇଛି। ଯାତ୍ରୀମାନେ ହଇରାଣ ହୋଇ ନିଜ ଗ୍ରାମକୁ ଅଲଗା ଗାଡିରେ ଫେରିଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ବସ୍‌କୁ ଜବତ କରିଛି। ବସ୍ ନମ୍ବର ଓଆର୦୯ଏଚ ୮୮୦୪ ବଡବିଲରୁ କେନ୍ଦୁଝର ଆଡକୁ ଆସୁଥିଲା। ବସ୍ ଆଗରେ ଓଡି୦୯ଏମ ୪୦୦୩ ନମ୍ବର ବାଇକ୍ ଯାଉଥିଲା। ବସ୍ ଚାଳକ ଜୋରରେ ହର୍ନ ମାରିବାରୁ ଆଗରେ ଯାଉଥିବା ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡ଼ିଥିଲା। ବାଇକ୍‌ରେ ବସିଥିବା ୨ ଜଣ ଆହତ ହୋଇଥିଲେ। ଏହା ଦେଖି ଭୟରେ ବସ୍‌ର ଚାଳକ ଓ ହେଲ୍‌ପର ଫେରାର ହୋଇଯାଇଥିଲେ। ଆହତଙ୍କୁ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା।

# 'ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଅନୁସରଣୀୟ'

ବାସୁଦେବପୁର, ୧୩।୧ (ଡି.ଏନ.ଏ.)

ବାସୁଦେବପୁର ବିନାୟକପୁର ହାଇସ୍କୁଲ ପରିସରରେ ବିବେକାନନ୍ଦ ପାଠାଗାର ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ୧୫୭ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ବିନାୟକପୁର ପଞ୍ଚାୟତ ଓ ଆଖପାଖ ଅଞ୍ଚଳର ବିଦ୍ୟାଳୟର ୩୦୬ ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କୁ ନେଇ ୩ଟି ବିଭାଗରେ ପ୍ରତିଯୋଗିତା ହୋଇଥିଲା। ପରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ ରମାକାନ୍ତ ପାଢୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ୱାମୀ ବସୁପ୍ରଦାନନ୍ଦ ମହାରାଜ ଯୋଗଦେଇ କହିଥିଲେ, ସ୍ୱାମୀ ବିବେକାନନ୍ଦଙ୍କ ନୀତି ଆଦର୍ଶ ଅନୁସରଣୀୟ। ତାଙ୍କ ଆଦର୍ଶରେ ଯୁବସମାଜ ଓ ଛାତ୍ରୀଛାତ୍ର ଅନୁପ୍ରାଣିତ ହେବାକୁ ଆହ୍ୱାନ ଜଣାଇଥିଲେ। ବିବେକାନନ୍ଦ ପାଠାଗାର ସଭାପତି ପ୍ରଫୁଲ୍ଲ କୁମାର ଦାସ ସଭାପତିତ୍ୱ କରିଥିଲେ। ସମ୍ପାଦକ ଆଇନଜୀବୀ ଭରତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ପ୍ରଦୀପ ମହାନ୍ତି, ଓକିଲ ସଂଘ ସଭାପତି ନାରାୟଣ ନାୟକ, ପ୍ରଦୀପ ଜେନା, ବାଞ୍ଛାନିଧି ମଳିକ, ଗୋବର୍ଦ୍ଧନ ମଳିକ, ପୂର୍ବତନ ପ୍ରଧାନଶିକ୍ଷକ ଭଗବାନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଭାରେ ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନା ମୂଳକ ଭାବେ ସମ୍ମାନିତ କରାଯାଇଥିବା ବେଳେ ଶ୍ରେଷ୍ଠ ୧୦ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଧାକର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରତିଭା ଚୟନ ଲାଗି ପ୍ରତିଯୋଗିତା

ହାଟଡିହୀ, ୧୩।୧(ଡି.ଏନ.ଏ.)

ହାଟଡିହୀ ବ୍ଲକ ଶାସଙ୍ଗ ବାଇଧର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବିବାର ବ୍ଲକସ୍ତରୀୟ ପ୍ରତିଭା ଚୟନ ଲାଗି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶାସଙ୍ଗ ପଞ୍ଚାୟତ ହାଇସ୍କୁଲର ପ୍ରଧାନଶିକ୍ଷକ ସୁରେନ୍ଦ୍ର ପାତ୍ରଙ୍କ ତତ୍ତ୍ୱାବଧାନରେ ବିଇଓ ଗୁଣନିଧି ଦାଶ, ସରପଞ୍ଚ ବିଦ୍ୟାଧର ବିଶ୍ୱାଳ, ଏବିଇଓ ତପୋଧନ ସ୍ୱାଇଁ, ସୁରେନ୍ଦ୍ର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଲୁକାୟିତ କଳାକୁ ବିକଶିତ କରିବାରେ ପ୍ରତିଭା ଚୟନ ଉତ୍ସବର ଆବଶ୍ୟକତା ଅଛି ବୋଲି ଅତିଥି ମତ ଦେଇଥିଲେ।

ସ୍ୱାଗତିକା ରାଉତ, ବେବି ଲିପ୍ସା ତ୍ରିପାଠୀ, ମୋନାଲିସା ରାୟ, ମନିଶା ମହାପାତ୍ର, ମନିଶା ଜେନା, ଝଲକପ୍ରଭା ବେହେରା, ଶିବ ସୁନ୍ଦ୍ର ବେହେରା, ଇପସିତା ପଢ଼ିଆରୀ, ସହଦେବ ସିଂହ, ପ୍ରତ୍ୟୁଷ ରଣା, ଶ୍ରୀବତ୍ସ ବେହେରା ପ୍ରମୁଖ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିଲେ। ପଦ୍ମନାଭ ପଣ୍ଡା, କୁମୁଦୁନି ସାମଲ, ଜୟଶ୍ରୀ ରାଉତ, ଅନ୍ନପୂର୍ଣ୍ଣା ପାଣିଗ୍ରାହୀ, ପ୍ରଫୁଲ୍ଲ ସାହୁ, ଅକ୍ଷୟ ଖଟୁଆ, ଶଶିକାନ୍ତ ବିଶ୍ୱାଳ, ପ୍ରଭାକର ବେହେରା, ଲଳିତ ବିଶ୍ୱାଳ, ନବକିଶୋର ବିଶ୍ୱାଳ, ମାମିନା ପ୍ରଧାନ, ରାଧାକୃଷ୍ଣ ପତି, ଲକ୍ଷ୍ମୀକାନ୍ତ ମିଶ୍ର, ଶାନ୍ତନୁ ରାଉତ, ସୁବାସ ପ୍ରଧାନ, ମାଧବାନନ୍ଦ ଜେନା, ଶ୍ରୀକାନ୍ତ ପଟ୍ଟନାୟକ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ଓ କମିଟି ସଦସ୍ୟ ଉପସ୍ଥିତ ରହିଥିଲେ।

## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଭଣ୍ଡାରିପୋଖରୀ, ୧୩।୧ (ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିସ୍ଥିତ ବଳଦେବଜୀଉ ସରକାରୀ ଉ.ପ୍ରା. ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ମମିତା ମହାନ୍ତିଙ୍କ ପୌରୋହିତ୍ୟରେ ସିଆର୍‌ସିସି ଭାଗବତ ରାଉତ କ୍ରୀଡ଼ା ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ, କ୍ରୀଡ଼ା ଶୃଙ୍ଖଳା ଓ ପ୍ରଗତିର ଚାବିକାଠି। ଛାତ୍ରୀଛାତ୍ର ପାଠ ପଢ଼ିବା ସହ କ୍ରୀଡ଼ା ପ୍ରତି ମନୋନିବେଶ କରିବା ଦରକାର ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ବଳଦେବଜୀଉ ହାଇସ୍କୁଲ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣା, ସରପଞ୍ଚ ମନୋଜ ନାୟକ, କୃପାସିନ୍ଧୁ ନାୟକ, ଗୌତମ ସାସ୍‌ମଲ ଓ ସନ୍ତୋଷ ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ତପନ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସଞ୍ଜୁକ୍ତା ମହାନ୍ତି, ନିରୁପମା ନାୟକ, ରଶ୍ମିଲତା ପାତ୍ର, ମୋନାଲିସା ରାୟ, ସରସ୍ୱତୀ ଖୁଣ୍ଟିଆ ଓ ବିବେକ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

- ସାଂସ୍କୃତିକ ମହୋତ୍ସବର ୯ମ ସନ୍ଧ୍ୟା

# 'କଳା ଓ ସଂସ୍କୃତିର ମାଟି ଭଦ୍ରକ'



ସାଂସ୍କୃତିକ ମହୋତ୍ସବର ୯ମ ସନ୍ଧ୍ୟାରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ଭଦ୍ରକ ଅଫିସ, ୧୩।୧

ଭଦ୍ରକ କଳା ଓ ସଂସ୍କୃତିର ମାଟି। ଏହି ସାଂସ୍କୃତିକ ମହାକୁମ୍ଭକୁ ଜଣେ ବିଧାୟକ ଭାବେ ନୁହେଁ କଳାକାର ଭାବେ ଆସିଛି ବୋଲି ନେହେରୁ ଷ୍ଟାଡିୟମଠାରେ ଚାଲିଥିବା ଭଦ୍ରକ ସାଂସ୍କୃତିକ ମହୋତ୍ସବର ୯ମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବିଧାୟକ ଅକାଶ ଦାସ ନାୟକ କହିଥିଲେ। ମହୋତ୍ସବ କମିଟିର ସାଧାରଣ ସମ୍ପାଦକ ରବିନାରାୟଣ ଖିଲାର ସଂଯୋଜନା କରିଥିଲେ। ସାଂସ୍କୃତିକ ସଭାରେ ଲୋକନାଥ ଦଲେଇ, ସଞ୍ଜୀବ ହିରୋର ସତ୍ତ୍ୱାଧିକାରୀ ସଞ୍ଜୀବ ମଲ୍ଲିକ ବରେଣ୍ୟ ଅତିଥି, ସୁସଙ୍ଗଠକ ଅୟସକାନ୍ତ ମହାନ୍ତି ମୁଖ୍ୟବକ୍ତା ଏବଂ ପ୍ରକାଶଜ୍ୟୋତି ମହାକୁଡ଼ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଶ ଦାସ ସ୍ୱାଗତ ଭାଷଣ, ଅଶ୍ୱିନୀ ପାଢ଼ୀ ଅତିଥି ପରିଚୟ ପ୍ରଦାନ ଓ ସୁପ୍ରଭା ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ପାରମ୍ପରିକ ରୀତିରେ ଯାତ୍ରା ଅଭିନେତା ସଞ୍ଜୟ ଭୋଳ, ସୁବାସ ବେହେରା ଓ ବ୍ରଜ ପାଣିଙ୍କୁ ମହୋତ୍ସବ କମିଟି ପକ୍ଷରୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## କ୍ରୀଡ଼ା ପ୍ରତିଯୋଗିତା

ବନ୍ତ, ୧୩।୧ (ଡି.ଏନ.ଏ.)

ବନ୍ତ ବ୍ଲକ ଟିଲୋ ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପାଢୀ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଧନେଶ୍ୱର ଜେନା ଏହାକୁ ପରିଚାଳନା କରିଥିଲେ। ଶିକ୍ଷକ ସେକ୍ ସମତ୍, ଶିକ୍ଷୟିତ୍ରୀ ସାଗରିକା ପୁହାଣ, ନୀଳିମା ମଞ୍ଜରୀ ରାଉତ, ଉଷାଲତା ମହାପାତ୍ର, ଅହଲ୍ୟା ପଣ୍ଡା, ବସୁନ୍ଧରା ଜେନା ଓ ଗୌରୀବାଳା ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ରବୀନ୍ଦ୍ର ପରିଡା ଓ ସରପଞ୍ଚ ନିହାରିକା ରାଉତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ମନ୍ତ୍ରୀଙ୍କୁ ଭେଟିଲେ ଶିକ୍ଷୟିତ୍ରୀଶିକ୍ଷକ



ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ସହ ଆଲୋଚନା କରାଯାଉଛି।

ହାଟଡିହୀ, ୧୩।୧(ଡି.ଏନ.ଏ.)

ହାଟଡିହୀ ବ୍ଲକ ଅଞ୍ଚଳର ଶତାଧିକ ଜୁନିଅର୍ ଶିକ୍ଷୟିତ୍ରୀଶିକ୍ଷକ ଗତ ୪ ମାସର ଏରିଅର୍ ଅନୁଦାନ ପାଇ ନାହାନ୍ତି। ଏ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କୁ ସେମାନେ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରିଛନ୍ତି। ଶିକ୍ଷୟିତ୍ରୀଶିକ୍ଷକ ଦୀର୍ଘ ଦିନ ଧରି ବ୍ଲକଠାରୁ ଆରମ୍ଭ କରି ଜିଲାସ୍ତର ପର୍ଯ୍ୟନ୍ତ ବିଭିନ୍ନ ସରକାରୀ ଦପ୍ତରରେ ଲିଖିତ ଭାବେ ଜଣାଇଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଶେଷରେ ଶିକ୍ଷୟିତ୍ରୀଶିକ୍ଷକ ମନ୍ତ୍ରୀ ପାତ୍ରଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଘଟଣା ଦିଗରେ ତୁରନ୍ତ ଦୃଷ୍ଟି ଦେଇ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ମନ୍ତ୍ରୀ ପାତ୍ର ଜଣାଇଛନ୍ତି।

## ପ୍ରତିକୂଳ ପରିସ୍ଥିତି ପ୍ରତିଭା ବିକାଶରେ ବାଧା ସୃଷ୍ଟି କରେନା

କପ୍ତିପଦା, ୧୩।୧(ଡ଼ି.ଏନ୍.ଏ)

କପ୍ତିପଦା ବ୍ଲକ୍ ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଭଗବାନ ପଣ୍ଡା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ପ୍ରତିକୂଳ ପରିସ୍ଥିତି ପ୍ରତିଭା ବିକାଶରେ ବାଧା ସୃଷ୍ଟି କରେନା ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପକ ଶୀତକଣ୍ଠ ଦାସ, ଖେଳ ଶିକ୍ଷକ ଶରତ ପରିଡ଼ା, ପଙ୍କଜିନୀ ମହାନ୍ତ, ପ୍ରଦୀପ କୁମାର ଦଳେଇ, ବିଦ୍ୟାଧର ବେହେରା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଦୈନନ୍ଦିନ ଜୀବନରେ କ୍ରୀଡ଼ାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। +୨ ପ୍ରଥମ ଓ ଦ୍ୱିତୀୟ ବର୍ଷର କଳା ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ଫେବୃୟାରୀ ୧୧ ତାରିଖରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ପୁରସ୍କୃତ କରାଯିବ ବୋଲି ମହାବିଦ୍ୟାଳୟ ସୂତ୍ରରୁ ପ୍ରକାଶ।

# ବିଭିନ୍ନ ସ୍ଥାନରେ ବିବେକାନନ୍ଦ ଜୟନ୍ତୀ ପାଳିତ

ସୋର, ୧୩।୧(ଡି.ଏନ୍.ଏ.)

ସୋରରେ ବିଭିନ୍ନ ସ୍ଥାନରେ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଭାରତୀୟ ବିଦ୍ୟାନିକେତନ ପରିସରରେ ପ୍ରଧାନ ଆଚାର୍ଯ୍ୟ ରମେଶଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ବିବେକାନନ୍ଦ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଆଚାର୍ଯ୍ୟ ବିଶ୍ୱରଞ୍ଜନ ପଣ୍ଡା ପରିଚାଳନା କରିଥିଲା ବେଳେ ସମସ୍ତ ଗୁରୁମା ଓ ଗୁରୁଜୀମାନେ ସହଯୋଗ କରିଥିଲେ। ସେହିପରି ସ୍ଥାନୀୟ ଅନନ୍ତପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ମଧ୍ୟ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅନନ୍ତକୁମାର ପ୍ରାତ୍ରଙ୍କ ପରିଚାଳନାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶିକ୍ଷାକେନ୍ଦ୍ରର ଛାତ୍ରୀଛାତ୍ରମାନେ ଭାରତମାତା, ଶାରଦାଦେବୀ, ରାମକୃଷ୍ଣ ପରମହଂଶ ଆଦି ବେଶରେ ସଜିତ ହୋଇ ସ୍ଥାନୀୟ ଅନନ୍ତପୁର ବଜାର, ଚିତ୍ତୋଳ, ଅଇଁରୀ ଆଦି ଗ୍ରାମ ପରିକ୍ରମା କରିଥିଲେ। ପରେ ବିଦ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥିଭାବେ ପ୍ରଜାପତି ବ୍ରହ୍ମକୁମାରୀ ମୁକ୍ତିକାନ୍ତ ବାରିକ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହାକୁ ଶିକ୍ଷାକେନ୍ଦ୍ରର ସମସ୍ତ ଶିକ୍ଷୟତ୍ରୀଶିକ୍ଷକ ମାନେ ସହାୟତା କରିଥିଲେ।

# ଶିଶୁ ପ୍ରତିଭା ଅନ୍ୱେଷଣ

ବନ୍ତ, ୧୩।୧ (ସ୍ୱ.ପ୍ର)

ବନ୍ତ ବ୍ଲକ ଆଗରପଡା ଥାନା ଅନ୍ତର୍ଗତ କାଦବରାଙ୍ଗ ଉତ୍କଳ ଯୁବକ ସଂଘ ଆନୁକୁଲ୍ୟରେ ଚାଲିଥିବା ୬ଷ୍ଠ ବାର୍ଷିକ ଶିଶୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଶିକ୍ଷାବିତ୍ ଅଗଣି ଚରଣ ଜେନା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଯାତ୍ରା ଖଳନାୟକ ଦୈତାରୀ ପଣ୍ଡା, ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ନିଗମାନନ୍ଦ ମିଶ୍ର, ଅଧ୍ୟାପକ ଫକୀର ଚରଣ ଶଙ୍ଖୁଆ, ଡ. ସଦାନନ୍ଦ ଦୀକ୍ଷିତ, ରମାକାନ୍ତ ଜେନା, ପର୍ଶୁରାମ ନାୟକ, ସତ୍ୟବାଦୀ ମଣ୍ଡଳ, ଆଇନଜୀବୀ ଗିରିଧାରୀ ନାଥ, ସଂଘର ଉପଦେଷ୍ଟା ରାମେଶ୍ୱର ଭାରତି, ସରପଞ୍ଚ ଲକ୍ଷ୍ମୀପ୍ରିୟା ଭାରତି ପ୍ରମୁଖ ଯୋଗ ଦେଇଥିଲେ। ବିଭିନ୍ନ ଅଞ୍ଚଳରୁ ୨୫ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବା ସହ ୩ ଚାଷୀ, ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୩ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷକ ରଘୁନାଥ ରାଉତ ଅତିଥି ପରିଚୟ ପ୍ରଦାନ ଓ ସଂଘ ସମ୍ପାଦକ ପର୍ଶୁରାମ ପଢିଆରୀ ଧନ୍ୟବାଦ ଅର୍ପଣ କରିଥିଲେ। କେଦାର ରାଉତ ଓ ସଂଘ ସଭାପତି ଜଗନ୍ନାଥ ନାୟକ ମଞ୍ଚ ସଞ୍ଚାଳନ କରିଥିଲେ। କ୍ରୀଡା ଶିକ୍ଷକ ରତିଶ୍ କୁମାର ଜେନା, ଯୁଧିଷ୍ଠିର ନାୟକ ପରିଚାଳନା କରିଥିଲେ। ଯୁବକ ସଂଘ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

- ନୂଆପୁରରେ 'ଓଡିଶା ମାଗୁଛି ଜବାବ' କାର୍ଯ୍ୟକ୍ରମ

# 'କାଳିଆ'ଯୋଜନା ନାମରେ କରାଯାଇଛି ଗୋଳିଆ ଯୋଜନା

ବାହାନଗା,୧୩।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକର ନୂଆପୁର ଗ୍ରାମରେ ଭାଜପା ତରଫରୁ ସୋର ନିର୍ବାଚନମଣ୍ଡଳସ୍ତରୀୟ 'ଜବାବ ମାଗୁଛି ଓଡିଶା'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ୧୯ବର୍ଷର ଶାସନ କାଳରେ ରାଜ୍ୟ ସରକାର କୌଣସି ଉନ୍ନୟନମୂଳକ କାମ ନ କରି ନିର୍ବାଚନକୁ ଆଉ ୨ ମାସ ବାକି ଥିବା ବେଳେ ରାଜ୍ୟବାସୀଙ୍କୁ ଲଲିପପ୍ ଦେଖାଉଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟ ସରକାର ଗାଁ ଗଣ୍ଡାରେ ମା' ମାନଙ୍କୁ ପିଇବା ପାଇଁ ପାଣି ମୁନ୍ଦେ ଦେଇ ପାରିଲେ ନାହିଁ। ଚାଷୀଙ୍କ ଫସଲ ଚାଷ ପାଇଁ ଜମିକୁ ପାଣି ମୁନ୍ଦେ ପହଞ୍ଚାଇ ପାରିଲେ ନାହିଁ। କେନ୍ଦ୍ର ସରକାର ଧାନର ମୂଲ୍ୟ କୁଇଣ୍ଟାଲ ପିଛା ୧୭ଶହ ୫୦ ଟଙ୍କା କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲି ପାରିନାହାନ୍ତି। ଏହାର ଜବାବ ମାଗୁଛନ୍ତି ଓଡିଶାବାସୀ। ରାଜ୍ୟ ସରକାର ଜବାବ ଦେବା ଦରକାର। ସବୁଥିରେ ବିଫଳ ହୋଇ ଥିବା ରାଜ୍ୟ ସରକାର ଏବେ କାଳିଆ ଯୋଜନା କରି ଚାଷୀଙ୍କୁ ଭଣ୍ଡାଉଛନ୍ତି। ଏହା କାଳିଆ ଯୋଜନା ନୁହେଁ ତାହା ଗୋଳିଆ ଯୋଜନା ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅଭିହିତ କରିଥିଲେ। ସଭାରେ ସଭାପତିତ୍ୱ କରିଥିଲେ ବାଲେଶ୍ୱର ଜିଲା ସଭାପତି ମଦନ ମୋହନ ଦତ୍ତ। ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଜିଲା ସମ୍ପାଦକ ମିହିରି ପାଣି। ଏଥିରେ ଈଶ୍ୱର ବେହେରା, ମନୀଷା ଚିନ୍ମୟୀ ବେହେରା, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସୋର ବିଧାୟକ ପ୍ରାର୍ଥୀ ରାକେଶ ମଲ୍ଲିକ, ରାଜେନ୍ଦ୍ର ପ୍ରସାଦ ନାୟକ, ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ବାହାନଗା ବ୍ଲକ ଅଧକ୍ଷା ସରସ୍ୱତୀ ମହାଳିକ, ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଦାଣ୍ଡକାଳୀ ମଣ୍ଡଳର ସଭାପତି ଦିଲୀପ କୁମାର ଦାସ, ନୂଆପୁର ସରପଞ୍ଚ ମନୋରମା ମଳିକ, ସୁଷମା ବିଶ୍ୱାଳ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ। କେନ୍ଦ୍ରମନ୍ତ୍ରୀ ପ୍ରଧାନ ପୂର୍ବାହ୍ନ ସାଢେ ୧୧ଟାରେ ନୂଆପୁର ଗ୍ରାମରେ ହେଲିକପ୍ଟର ଯୋଗେ ଆସି ଜାମୁଣିଆ ପଡିଆରେ ପହଞ୍ଚିବାରଥିଲେ ମଧ୍ୟ ସାଢେ ୪ ଘଣ୍ଟା ବିଳମ୍ବରେ ଆସି ପହଞ୍ଚିଥିଲେ। ବିଳମ୍ବରେ ଆସିଥିବାରୁ ମନ୍ତ୍ରୀଙ୍କ ଜନପରାମର୍ଶ ପଦଯାତ୍ରାରେ ଗ୍ରାମ ପରିକ୍ରମା କରିବାର ଥିଲେ ମଧ୍ୟ ବିଳମ୍ବ ହେବାରୁ ସେହି କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା। ହେଲିକପ୍ଟରରୁ ଓହ୍ଲାଇ ସିଧା ଜବାବ ମାଗୁଛି ଓଡିଶା ସଭାସ୍ଥଳକୁ କେନ୍ଦ୍ରମନ୍ତ୍ରୀ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ହଜାର ହଜାର କର୍ମୀ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଏଟିଏମ୍ ଭାଙ୍ଗି ଲୁଟ ଉଦ୍ୟମ

**ତେଲକୋଇ, ୧୩।୧(ଡି.ଏନ.ଏ.):** ତେଲକୋଇ ଥାନା ଅନ୍ତର୍ଗତ ଆକୁଳ ନିକଟରେ ଥିବା ଏକ ବ୍ୟାଙ୍କର ଏଟିଏମ୍ ମେଶିନ ଭାଙ୍ଗି ଶନିବାର କେହି ଦୁର୍ବୃତ୍ତ ଲୁଟ ଉଦ୍ୟମ କରିଛନ୍ତି। ଏଟିଏମ୍‌ରୁ କେବଳ ୨ ବ୍ୟାଟେରି ଚୋରି ହୋଇଛି। ଅର୍ଥ ନେବାକୁ ବିଫଳ ହୋଇଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏ ନେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ମକର ପ୍ରସ୍ତୁତି ଚୂଡ଼ାନ୍ତ

**ତେଲକୋଇ, ୧୩।୧(ଡି.ଏନ.ଏ.):** ତେଲକୋଇ ଅଞ୍ଚଳରେ ମକର ମେଳା ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ମକରକୁ ଜିଲାର ଗଣପର୍ବ ଭାବେ ପାଳନ କରାଯାଉଛି। ବିଭିନ୍ନ ସ୍ଥାନରେ ମକର ମେଳା ପାଇଁ ଭିଡ ଆରମ୍ଭ ହୋଇଛି। ଖୁଣ୍ଟାପଡ଼ା ବିମଳା, ରାଇସୁଆଁ, ଡିମିରିଆରେ ମକର ପଡ଼ିଆରେ ଦୋକାନ ବଜାର ସହ ମନୋରଞ୍ଜନ କାର୍ଯ୍ୟକ୍ରମ ପସ୍ତୁତି ହୋଇଛି। ରାଜ୍ୟ ବାହାରେ ଥିବା ଯୁବକ ନିଜ ସାଙ୍ଗସାଥିଙ୍କ ଗହଣରେ ନିଜ ଘରକୁ ଆସୁଛନ୍ତି। ଘରେ ପିଠାପଣା ସାଙ୍ଗକୁ ନୂଆଁ ବସ୍ତ୍ର ପରିଧାନ କରିବା ସହ ବନ୍ଧୁ ବାନ୍ଧବକୁ ନିମନ୍ତ୍ରଣ କରି ୪ଦିନ ପର୍ବକୁ ପାଳନ କରାଯିବ ବୋଲି ଜଣାଯାଇଛି। ଭୂୟାଁ ଓ ଜୁଆଙ୍ଗ ଜନଜାତି ମକର ମେଳାରେ ରଙ୍ଗିନ ପୋଷାକ ପରିଧାନ କରି ସାଥି ଚୟନ କରିବା ପରମ୍ପରା ରହିଛି।

### ବରଦାପାଳରେ ଟୁସୁ ପର୍ବ



**ରାଇସୁଆଁ, ୧୩।୧(ଡି.ଏନ.ଏ.):** କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ବରଦାପାଳରେ ଟୁସୁ ପର୍ବ ପାଳିତ ହୋଇଯାଇଛି। ଏହି ପର୍ବ ସାଧାରଣତ କୁଡୁମି ସମ୍ପ୍ରଦାୟର ଲୋକେ ବେଶି ମାନି ଥାନ୍ତି। ବହୁ ବର୍ଷ ପୂର୍ବରୁ ଟୁସୁ ଦେବୀଙ୍କୁ ସେମାନେ ଆରାଧଦେବତା ଭାବେ ମାନି ଆସୁଛନ୍ତି। ଏହି ପର୍ବରେ କୁଡୁମି ସମ୍ପ୍ରଦାୟର ମହିଳା ଟୁସୁ ଦେବୀଙ୍କୁ ଗାଁ ପରିକ୍ରମା କରିଥାନ୍ତି। ଲୋକଗୀତ ଶୁଣିବାକୁ ସହ ଆରାଧ ଦେବୀ ଟୁସୁଙ୍କୁ ଦର୍ଶନ, ପୂଜାର୍ଚ୍ଚନା ପାଇଁ ବହୁ ଲୋକଙ୍କ ଭିଡ଼ ହୋଇଥାଏ।

### ସ୍ୱାମୀ ବିବେକାନନ୍ଦ ଜୟନ୍ତୀ

**ଆନନ୍ଦପୁର, ୧୩।୧(ସ୍ୱ.ପ୍ର.):** ଘସିପୁରା ବ୍ଲକ ବାତୋ ସ୍ମୃତି ନିଳୟରେ ବନମାଳୀ ପଣ୍ଡାଙ୍କ ସ୍ମୃତି ସଂସଦ ତରଫରୁ ଶିକ୍ଷାବିତ୍ ଯଦୁନାଥ ମଲ୍ଲିକଙ୍କ ସଭାପତିତ୍ୱରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଅତିଥି ଭାବେ ନିରଞ୍ଜନ ପଣ୍ଡା, ସରପଞ୍ଚ କାହ୍ନୁ ଚରଣ ନାୟକ, ଶିକ୍ଷାବିତ୍ ରାମଚନ୍ଦ୍ର ରାଉତ, ଗଙ୍ଗାଧର ପରିଡା, ଝରଣା ସାହୁ, ସନାତନ ପଡିଆରୀ, ଚିତ୍ତରଞ୍ଜନ ନାୟକ, ନିବେଦିତା ପଣ୍ଡା, ଅଧାପକ ଅକ୍ଷୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସ୍ୱାମୀଜୀଙ୍କ ଜୀବନି, ଆଦର୍ଶ ଓ ବାଣୀ ସମ୍ପର୍କରେ ଅଲୋକପାତ କରିଥିଲେ। ପ୍ରଫୁଲ୍ଲ କୁମାର ସ୍ୱାଗତ ଭାଷଣ ଦେଇଥିଲେ। ହରିହର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ମଦନ ମୋହନ ରାଉତ, ଚନ୍ଦ୍ରମଣି ମାଝି, କେଶବ ବେହେରା, ଅଶୋକ ବରାଳ, ଭାବଗ୍ରାହୀ ରାଉତ, ମଦନ ଦଳେଇ, ସନାତନ ବେହେରା, ନରୋତ୍ତମ ମହାନ୍ତି, ସୁଦର୍ଶନ ଯେନା, ଚନ୍ଦ୍ରମଣି ଯେନା, ଚୈତମ ପେରେଇ ପ୍ରମୁଖ ଉପସ୍ଥିତ ରହିଥିଲେ। ସେହିପରି ଆନନ୍ଦପୁର ମହାବିଦ୍ୟାଳୟ କନଫରେନ୍ସ ହଲ୍‌ରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଏହି ଦିବସ ପାଳିତ ହୋଇଛି। କଲେଜ ଅଧକ୍ଷ ପ୍ରଫେସର ରମାକାନ୍ତ ନାୟକଙ୍କ ଅଧକ୍ଷତାରେ ରାଜସ୍ୱ ପରିଷଦର ସଚିବ ଗୋସ୍ୱାମୀ ଗୋଲାମ ଦେବତା ଯୋଗଦେଇ ସ୍ୱାମିଜୀଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ପ୍ରାଧାପିକା ଡ. ମୀନାକ୍ଷୀ ମିଶ୍ର ଓ ଡ. ଦିଲୀପ କୁମାର ଦାଶ ଯୋଗଦେଇ ଯୁବ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଅଧାପକ ପ୍ରଫୁଲ୍ଲ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଉମାକାନ୍ତ ନାୟକ ଅତିଥି ପରିଚୟ ଦେଇଥିଲେ। ଅମୂଲ୍ୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଅତିଥିଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଅଧାପିକାଅଧାପକ ଉପସ୍ଥିତ ରହିଥିଲେ।

# ବେଧଡ଼କ ପଥର ଖନନ

- କଳାପାଟ ସଂରକ୍ଷିତ ଜଙ୍ଗଲ ଧ୍ୱଂସ
- ସରକାରଙ୍କ ରାଜସ୍ୱ ହାନି
- ସବୁଜାଣି ବନ ବିଭାଗ ନୀରବ

**ତେଲକୋଇ, ୧୩।୧(ଡି.ଏନ.ଏ.)**

ତେଲକୋଇ ବନାଞ୍ଚଳ ଅଧୀନ ପଡ଼ାଙ୍ଗରେ ଥିବା କଳାପାଟ ସଂରକ୍ଷିତ ଜଙ୍ଗଲରେ ବେଧଡ଼କ ମୂଲ୍ୟବାନ ପଥର ଖନନ କରାଯାଉଛି। ଉକ୍ତ ସଂରକ୍ଷିତ ଜଙ୍ଗଲ ଅଞ୍ଚଳକୁ ତହସିଲ ବିଭାଗ ପକ୍ଷରୁ କ୍ୱାରି ଦିଆଯାଇନାହିଁ। ମାଫିଆମାନେ ବେଆଇନ ଭାବେ ପଥର ଖନନ କରୁଛନ୍ତି। ଜଙ୍ଗଲ ଧ୍ୱଂସ ହେବାରେ ଲାଗିଛି। ସବୁଜାଣି ବନ ବିଭାଗ କର୍ତ୍ତୃପକ୍ଷ ନୀରବ ରହୁଛନ୍ତି। ପଥର ଖନନକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିଛନ୍ତି। ମାତ୍ର ପଥର ଖନନ ଜାରି ରହିଥିବାରୁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନି ହେଉଛି। ମୂଲ୍ୟବାନ ଗଛ ନଷ୍ଟ ହୋଇଛି। ଜଙ୍ଗଲରେ ରହିଥିବା ବିରଳ ଜୀବଜନ୍ତୁ ଗାଁ ମୁହାଁ ହେଉଛନ୍ତି।



କଳାପାଟ ସଂରକ୍ଷିତ ଜଙ୍ଗଲରୁ ପଥର ଖନନ ହୋଇଛି।

ମାଫିଆଙ୍କ ସହ ପ୍ରଶାସନର ସଲାସୁତରାରେ ପଥର ଖନନ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଅଭିଯୋଗ କଲେ କୌଣସି ପଦକ୍ଷେପ ନିଆଯାଉନି। ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ଏବେ ପଦା ହେବାକୁ ବସିଛି। ପଥର ଖନନ ଉପରେ ରୋକ ଲଗାଯାଇପାରୁନି। ତହସିଲଦାର ଅଶ୍ୱିନୀ କୁମାର ନାଏକଙ୍କୁ ପଚାରିବାରୁ ଅଭିଯୋଗ ଅନୁଯାୟୀ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ବନାଞ୍ଚଳ ଅଧିକାରୀ ପୀତାମ୍ବର ନାଏକଙ୍କୁ ପଚାରିବାରୁ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରୁ ପଥର ଖନନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ହରିଣକୁ ପିଟି ମାରିଦେଲେ, ୨ ଗିରଫ

**କେନ୍ଦୁଝର, ୧୩।୧(ସ୍ୱ.ପ୍ର.)**



ଗିରଫ ୨ ଅଭିଯୁକ୍ତ।

ହରିଚନ୍ଦନପୁର ବ୍ଲକ ବୁଢ଼ାଖମଣ ପଞ୍ଚାୟତ ନଳପଙ୍ଗା ଗ୍ରାମ ନକଟରେ ଶନିବାର ଏକ ହରିଣକୁ କେତେକ ଲୋକ ପିଟି ମାରି ଦେଇଛନ୍ତି। ଏହି ଘଟଣାରେ ରବିବାର ବନ ବିଭାଗ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନଳପଙ୍ଗା ଗ୍ରାମର ହେରଞ୍ଜନ ପାତ୍ର ଓ ଦିବାକର ପାତ୍ର। ଉକ୍ତ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସଞ୍ଜୟ ସାହୁ ଫେରାର ଥିବା ଜଣାଯାଇଛି। ବନ ବିଭାଗ ମୃତ ହରିଣକୁ ଜବତ କରି ବ୍ୟବଚ୍ଛେଦ ପରେ ଘଟଣାର ତଦନ୍ତ ଜାରି ରଖିଛି।

କେନ୍ଦୁଝର ବନଖଣ୍ଡ ସଦର ରେଞ୍ଜ ଅଧୀନ ଜଙ୍ଗିରା ସେକଶନର ନଳପଙ୍ଗା ସଂରକ୍ଷିତ ଜଙ୍ଗଲରୁ ହରିଣ ଗ୍ରାମର ଜଣେ ବ୍ୟକ୍ତିଙ୍କ କୋବି ବାଡିରେ ପଶି ଥିଲା। ଏହା ଦେଖି କେତେକ ଲୋକ ହରିଣକୁ ପିଟି ମାରି ଦେଇଥିଲେ। ହରିଣକୁ ଦିବାକରଙ୍କ ଘରେ ଏକ ବସ୍ତାରେ ପୂରାଇ ରଖିଦେଇଥିଲେ। ଖବର ପାଇ ବନ ବିଭାଗ କର୍ମଚାରୀ ଘରୁ ମୃତ ହରିଣକୁ ଜବତ କରିଥିଲେ। ମୁଣ୍ଡରେ ଆଘାତ ଯୋଗୁ ହରିଣର ମୃତ୍ୟୁ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି ବୋଲି ଡିଏଫଓ ସନ୍ତୋଷ ଯୋଶୀ କହିଛନ୍ତି।

# ପଞ୍ଚୁପଲୀ ହାଇସ୍କୁଲ ବାର୍ଷିକ କ୍ରୀଡ଼ା

**ଆନନ୍ଦପୁର, ୧୩।୧(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ପଞ୍ଚୁପଲୀ ହାଇସ୍କୁଲର ୩୯ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ପ୍ରଧାନ ଶିକ୍ଷକ ବିଜୟ କୁମାର ସୁର ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ଦେବିଦାସ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସିନିୟର୍ ବାଳକ ଓ ବାଳିକା ବର୍ଗର ବିଭିନ୍ନ ଖେଳରେ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ରବିବାର ପ୍ରଧାନ ଶିକ୍ଷକ ସୁରଙ୍କ ସଭାପତିତ୍ୱରେ ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଶରତ ରାଉତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଚମ୍ପୁଆ ପୂର୍ବତନ ଶିକ୍ଷାଧିକାରୀ ଅର୍ଜୁନ ଚରଣ ବେହେରା, ଓଷ୍ଟା କେନ୍ଦୁଝର ଜିଲା ସଭାପତି ଶାନ୍ତନୁ ମିଶ୍ର, ଆନନ୍ଦପୁର ବ୍ଲକ ଓଷ୍ଟା ସମ୍ପାଦକ ପ୍ରଦୀପ ହଜାରୀ, ପୂର୍ବତନ ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ ନାୟକ, ପ୍ରଫୁଲ୍ଲ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ପଣ୍ଡିତ୍ ବିଦ୍ୟାଧର ମିଶ୍ର ଅତିଥି ପରିଚୟ ଦେଇଥିଲେ। ଗୀତାଞ୍ଜଳି ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ବିଦ୍ୟାଳୟର ଛାତ୍ର ପ୍ରଭାତ ପାତ୍ର ଏ ୱାନ୍ ଗ୍ରେଡ୍ ସହ ଆନନ୍ଦପୁର ବ୍ଲକରେ ଓଡ଼ିଆରେ ସର୍ବାଧିକ ୯୫ ପ୍ରତିଶତ ମାର୍କ ରଖିଥିବାରୁ ପୁରସ୍କୃତ ହୋଇଥିଲେ। ଶିକ୍ଷୟିତ୍ରୀ ଦେବଯାନୀ ବେହେରା, କମ୍ପ୍ୟୁଟର୍ ସଂଯୋଜକ ସୁଶାନ୍ତ ଓଝା, କର୍ମଚାରୀ ଆନନ୍ଦ ଚନ୍ଦ୍ର ସା, ରମେଶ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ବାଳକ ବର୍ଗର ଛାତ୍ର ସ୍ମିତିରଞ୍ଜନ ସା, ବାଳିକାବର୍ଗର ଛାତ୍ରୀ ଲିପି ଜେନାଙ୍କୁ ଚାମ୍ପିୟନ୍ ଭାବେ ପୁରସ୍କୃତ କରାଯାଇଛି। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

**ପାଟଣା, ୧୩।୧(ସ୍ୱ.ପ୍ର.)**

ପାଟଣା ମୁଖ୍ୟାଳୟସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସ୍ୱାମ ପାଟଣାର ୨୩ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ଉତ୍ସବରେ ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଅସରପ୍ରାପ୍ତ ଶିକ୍ଷକ ସନାତନ ଦାଶଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି କେନ୍ଦୁଝର ସିଟିଜି ଫାଉଣ୍ଡେଶନର ପ୍ରତିଷ୍ଠାତା ରାଜେନ୍ଦ୍ର ପଲେଇ, ମୁଖ୍ୟବକ୍ତା ଶିକ୍ଷକ ପଦ୍ମଲୋଚନ ସାହୁ, ସମ୍ମାନିତ ଅତିଥି ଦେବେନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର ଅତିଥି ପରିଚୟ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସତ୍ୟଜିତ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିଶୁ ମନ୍ଦିରର ପ୍ରତିଷ୍ଠାତା ସଭାପତି ବର୍ଷିୟାନ କବି ଭୀକାରି ଚରଣ ନାଏକ ଓ ପୂର୍ବତନ ଶିଶୁମନ୍ଦିର ସଭାପତି ଅବସର ପ୍ରାପ୍ତ କୃଷି ଅଧିକାରୀ ଗଦାଧର ମହାନ୍ତଙ୍କୁ ଉପଢୌକନ, ଉତ୍ତରୀୟ ସହ ମାନପତ୍ର ଦେଇ ଅତିଥି ସମ୍ମାନିତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଓମ୍ ସାଇ କ୍ରିକେଟ କ୍ଲବ ଚାମ୍ପିୟନ

**ଚମ୍ପୁଆ, ୧୩।୧(ଡି.ଏନ.ଏ.)**

ଚମ୍ପୁଆରେ ୧୧ତମ ଏସୟୁଟିଟି ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୮ ଦଳକୁ ନେଇ ଖେଳ ହୋଇଥିଲା। ଫାଇନାଲ ମ୍ୟାଚ ଓମ୍ ସାଇ କ୍ରିକେଟ କ୍ଲବ କାଳିକାପ୍ରସାଦ ଓ ଘସଦା ଇଲେଭେନ ମଧ୍ୟରେ ହୋଇଥିଲା। ଓମ୍ ସାଇ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବ୍ଲକ ଅଧକ୍ଷା ରମଣୀ ନାଏକ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଚେକ୍ ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଅନ୍ୟ ଅତିଥି ଭାବେ ସରପଞ୍ଚ କବିତା ନାଏକ, ଜିଲା ପରିଷଦ ସଭ୍ୟ ମୁଲତା ନାଏକ, ସମିତି ସଭ୍ୟା ଜାନକୀ ନାଏକ, ଆଇନଜୀବୀ ଭୋଳାନାଥ ସେଠୀ, ଅଧ୍ୟାପକ ପ୍ରଶାନ୍ତ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।

### ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ

## ପୁନର୍ବାର ରମାକାନ୍ତଙ୍କ ପ୍ରାର୍ଥିତ୍ୱ ନେଇ ଚର୍ଚ୍ଚା

**ଆନନ୍ଦପୁର, ୧୩।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଘରୋଇ ଟ୍ରକ୍ ମାଲିକ ସଂଘର ନିର୍ବାଚନ ୨୭ରେ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି। ଘସିପୁରା ସରସ୍ୱତୀ ଶିଶୁମନ୍ଦିର ଏବଂ କେନ୍ଦୁଝର ପୁରୁଣା ବଜାର ପୋଲିସ କଲ୍ୟାଣ ମଣ୍ଡପଠାରେ ଦୁଇଟି ବୁଥ୍‌ରେ ମତଦାନ ଗ୍ରହଣ କରାଯିବା ବୋଲି ଜଣାଯାଇଛି। ସଂଘରେ ୩ ହଜାର ସଦସ୍ୟ ରହିଛନ୍ତି। ସଭାପତି ପଦବୀ ପାଇଁ ଆନନ୍ଦପୁର ପୌରପରିଷଦ ଘସିପୁରାର ରମାକାନ୍ତ ନାୟକ ଏବଂ କେନ୍ଦୁଝରରୁ ରାମଚନ୍ଦ୍ର ଭୂୟାଁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଜଣାଯାଇଛି। ଗତ କିଛିବର୍ଷ ଧରି ଜିଲା ଟ୍ରକ୍ ମାଲିକଙ୍କ ମଧ୍ୟରେ ବିଭିନ୍ନ ସମସ୍ୟାକୁ ନେଇ ସଂଘ ଅସୁନ୍ତଳିତ ଅବସ୍ଥାରେ ରହିଆସିଥିଲା। ପୁନର୍ବର ରମାକାନ୍ତଙ୍କ ପ୍ରାର୍ଥିତ୍ୱକୁ ନେଇ ସଂଘର ସଦସ୍ୟଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି।

୬ ବର୍ଷ ପୂର୍ବେ ରମାକାନ୍ତ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ରମାକାନ୍ତ ବିଭିନ୍ନ ସଙ୍ଗଠନ ସହ ପ୍ରତ୍ୟକ୍ଷ ଭାବେ ଜଡିତ ରହିଛନ୍ତି। ଶାସକ ଦଳର ଜଣେ ଆଗଧାଡିର ନେତା ହିସାବରେ ରମାକାନ୍ତ ଫାଇଦା ହାସଲ କରିପାରନ୍ତି ବୋଲି ମଧ ଆଲୋଚନା ହେଉଛି। ସଂଘର ଆଗାମୀ ନିର୍ବାଚନ ପାଇଁ ସଭାପତି, ସମ୍ପାଦକ, କାର୍ଯ୍ୟକାରୀ ସଦସ୍ୟ ଓ ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ତତ୍ପରତା ପ୍ରକାଶ ପାଇଛି। ସମ୍ପାଦକ ପାଇଁ ପ୍ରଦୀପ କୁମାର ବାରିକ ଓ ଦିଲୁ କର ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣାପଡିଛି।

# ଧସିବ ପୁରୁଣା ସହର ରାଜପଥ

**କେନ୍ଦୁଝର, ୧୩।୧(ସ୍ୱ.ପ୍ର.)**

ପୁରୁଣା ସହର ଦେଇ ଯାଇଥିବା ନବନିର୍ମିତ ୨୦ ନମ୍ବର ଜାତୀୟ ରାଜପଥ ଧସିବା ଆଶଙ୍କା ରହିଛି। ନିମ୍ନମାନର କାମ ଯୋଗୁ ଅସୁରକ୍ଷିତ ଅବସ୍ଥାରେ ରହିଛି। ଠିକ ଭାବରେ କାମ ହୋଇ ନ ଥିବା ଅଭିଯୋଗ ହୋଇଛି। ରାସ୍ତା କଡ଼ ଠିକ୍ ଭାବେ ପଥର ପ୍ୟାକିଂ କରି ବୃକ୍ଷରୋପଣ କରାଯାଇ ନ ଥିବାରୁ ଅନେକ ସ୍ଥାନରେ ଧସି ଯାଇ ଅସୁରକ୍ଷିତ ହୋଇପଡିଛି। ତାହାକୁ ମରାମତି କରାଯାଉନି। ଐତିହାସିକ ଚନ୍ଦନ ପୋଖରୀ କଡରେ ଯାଇଥିବା ଉକ୍ତ ରାସ୍ତାର ପାର୍ଶ୍ୱ ଧସି ଯାଇଛି। ରାସ୍ତା ଭାଙ୍ଗିବା ସହ ପୋଖରୀ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି। ପୋଖରୀର ସୌନ୍ଦର୍ଯ୍ୟହାନି ଘଟୁଛି।

ପୁରୁଣା ସହର ପାଖ ଦେଇ ଯାଇଥିବା ଅନେକ ସ୍ଥାନରେ ରାସ୍ତା କଡ ଧସି ଯାଇଛି। ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ସଜଡା ଯାଉ ନ ଥିବା ସ୍ଥାନୀୟ ଲୋକେ କହିଛନ୍ତି। ତ୍ରୁଟିପୂର୍ଣ୍ଣ ରାସ୍ତା ଯୋଗୁ ଦୁର୍ଘଟଣା ଘଟୁଛି। ବହୁ ପରିମାଣରେ ବେଆଇନ ଇଟାଭାଟି ଯୋଗୁ ଜଙ୍ଗଲ ଓ ପରିବେଶ ନଷ୍ଟ ହେଉଛି। ବନ୍ୟଜନ୍ତୁ, ଗୃହପାଳିତ ପଶୁ ତଥା ମଣିଷଙ୍କ ପାଇଁ ମୃତ୍ୟୁର ଖାଲ ସୃଷ୍ଟି ହୋଇଥିବାରୁ ଦୃଢ କାର୍ଯ୍ୟାନୁଷ୍ଠା ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



ଚନ୍ଦନ ପୋଖରୀର ରାସ୍ତା କଡ଼ରୁ ପଥର ଧସି ଯାଇଛି।

# ବିପନ୍ନଙ୍କ ପାଖରେ ବିଜୁ ଯୁବ ବାହିନୀ

**ଆନନ୍ଦପୁର, ୧୩।୧(ସ୍ୱ.ପ୍ର.)**

ଆନନ୍ଦପୁର ପୌରପରିଷଦ କ୍ଲବ ୭ ବିଜୁ ଯୁବ ବାହିନୀ ପକ୍ଷରୁ ଘସିପୁରା ବ୍ଲକ ଗୋହିରା ପଞ୍ଚାୟତରେ ଅଗ୍ନିବିପନ୍ନ ପରିବାରବର୍ଗଙ୍କୁ କମ୍ବଳ, ପଲିଥିନ, ଖାଦ୍ୟଦ୍ରବ୍ୟ ପ୍ରଦାନ କରାଯାଇଛି। ଗୁରୁବାର ସନ୍ଧ୍ୟା ୭ଟାରେ କୌଣସି କାରଣ ବଶତଃ ଗୋହିରା ପଞ୍ଚାୟତ ପଳାସପୁର ଗ୍ରାମର ରାମ ମୁଣ୍ଡାଙ୍କ ଘରେ ଅଗ୍ନିକାଣ୍ଡ ଘଟିଥିଲା। ସମସ୍ତ ଆସବାବପତ୍ର, ସୁନା ଗହଣା, ଧାନ ଚାଉଳ ନଷ୍ଟ ହେବା ସହ ଦୁଇ ବଖରା ପାଉଁଶ ହୋଇଯାଇଥିଲା। ପିଲାଙ୍କ ପଢା ବହି ଖାତା ସହ ୨୦ ହଜାର ଟଙ୍କା ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହୋଇଛି।

ଖୋଲା ଆକାଶ ତଳେ ବିପନ୍ନ ପରିବାର ରହିଛନ୍ତି। ବିଜୁ ଯୁବ ବାହିନୀ ସଭାପତି ତୋଫାନ ସାହୁ, ସମ୍ପାଦକ ସତ୍ୟ ନାରାୟଣ ସାହୁ, କୋଷାଧ୍ୟକ୍ଷ ସୌମ୍ୟରଞ୍ଜନ ନାୟକ, ସଦସ୍ୟ ସନ୍ତୋଷ ସା, ଶ୍ରୀଧର ସାହୁ, ଶିବ ପ୍ରସାଦ ସାହୁ, ପ୍ରଶାନ୍ତ ରାଉତ, ସତ୍ୟବ୍ରତ ରାଉତ ପ୍ରମୁଖ ବିପନ୍ନ ପରିବାରବର୍ଗଙ୍କ ନିକଟରେ ପହଞ୍ଚି ଆଶୁ ସହାୟତା ପ୍ରଦାନ କରିଥିଲେ।

# ୧୯୯୨ ବ୍ୟାଚ୍‌ର ବନ୍ଧୁମିଳନ



ବନ୍ଧୁମିଳନରେ ପୁରାତନ ଛାତ୍ର।

**ଆନନ୍ଦପୁର, ୧୩।୧(ସ୍ୱ.ପ୍ର.)**

ଆନନ୍ଦପୁରର ସର୍ବପୁରାତନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ୧୯୯୨ ମାଟ୍ରିକ୍ ବ୍ୟାଚ ବନ୍ଧୁମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି। ବନ୍ଧୁମିଳନ ପର୍ବରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ର ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ଅପରାଜିତା ସିହ୍ନା, ଜ୍ୟୋତିରଞ୍ଜନ ଜେନା, ଶ୍ରୀକୁମାର ମିଶ୍ର, ଗୋପାଳ ନାୟକ, ଦୁର୍ଗା ପ୍ରସାଦ ସାହୁ, ଜଗନ୍ନାଥ ପ୍ରସାଦ ମିଶ୍ର, ଚଗୁଲ ଦଳେଇ, ସନ୍ଦୀପ ରାଉତ, ସୌଭାଗ୍ୟ ରଞ୍ଜନ ସାହୁ, କୃଷ୍ଣ ରଣା, ଚିତ୍ତରଞ୍ଜନ ସାହୁ, ସୁବ୍ରମଣ୍ୟ ଦଳେଇ, ନୀଳ ସାହୁ, ନବାରଣ ବୋଷ, ସୁରେଶ ପାତ୍ର, ଦୀପକ ଦାସ, ନିରଞ୍ଜନ ସାହୁ, ସୁଶାନ୍ତ ପାତ୍ର, ଅମୀତ ସିଂହ, ନିଳାମ୍ବର ଖଟୁଆ, ସମରେନ୍ଦ୍ର ମିଶ୍ର, ତ୍ରିଲୋଚନ ସାହୁ, ଆନନ୍ଦ ପାତ୍ର, ଗୋପାଳ ପାଣି, ଜଗନ୍ନାଥ ପାତ୍ର, ସୁରେଶ ପାତ୍ର, ସୁବ୍ରତ ରାମ ପ୍ରମୁଖ ପୁରାତନ ବନ୍ଧୁ ଉପସ୍ଥିତ ରହିଥିଲେ।

# ପୁରସ୍କୃତ ହେଲେ କୃତୀ ପ୍ରତିଯୋଗୀ

**ଚମ୍ପୁଆ, ୧୩।୧(ଡି.ଏନ.ଏ.)**

ଚମ୍ପୁଆସ୍ଥିତ ମହତାବ ଉଚ୍ଚ ବିଦ୍ୟାଳୟରେ ୭୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଲକ ବିହାରୀ ମହାନ୍ତ, ଉଦ୍‌ଯାପନୀରେ ବ୍ଲକ ଶିକ୍ଷାଧିକାରୀ ଗବର୍ଦ୍ଧନ ନାଏକ ଯୋଗ ଦେଇଥିଲେ। ବିଭିନ୍ନ ଖେଳ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ା ଉତ୍ସବକୁ ଏନସିସି ଶିକ୍ଷକ ଗିରିଶ ଚନ୍ଦ୍ର ପ୍ରଧାନ, ଶିକ୍ଷକ ନିଳାମ୍ବର ମହାନ୍ତ, ଲୋକନାଥ ଗୁଇଁ, ଜୀବନ କିଶୋର ମହାନ୍ତ, ଶିଳଭଦ୍ର ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

### ସର୍ବଭାରତସ୍ତରୀୟ ମା' ବାସୁଳି କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ୟୁ ଆଣ୍ଡ ମି ବାଲେଶ୍ୱର ଚାମ୍ପିୟନ

**ହାଟଡିହୀ, ୧୩।୧(ଡି.ଏନ.ଏ.)**

ଆଞ୍ଚଳିକ ଯୁବ ପରିଷଦ ହାଟଡିହୀ ତରଫରୁ ସ୍ଥାନୀୟ ମଠ କପୁଣ୍ଡି ଷ୍ଟାଡିୟମ୍‌ଠାରେ ଚାଲିଥିବା ଅଲ ଇଣ୍ଡିଆ ମା' ବାସୁଳି କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ଖେଳ ୟୁ ଆଣ୍ଡ ମି ବାଲେଶ୍ୱର ଏବଂ ବ୍ରହ୍ମପୁର ୟୁନାଇଟେଡ ଇଲେଭେନ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବ୍ରହ୍ମପୁର ୟୁନାଇଟେଡ ଇଲେଭେନ୍ ବ୍ୟାଟିଂ କରି ୮ ଉଇକେଟ୍ ବିନିମୟରେ ୨୫ ଓଭରରେ ୧୩୭ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ୟୁ ଆଣ୍ଡ ମି ବାଲେଶ୍ୱର ୨୪.୪ ଓଭରରେ ୮ ଉଇକେଟ ହରାଇ ୧୪୧ ରନ୍ ସଂଗ୍ରହ କରି ଚାମ୍ପିୟନ୍ ହୋଇଛି। ୟୁ ଆଣ୍ଡ ମି ବାଲେଶ୍ୱରର ସଞ୍ଜୟ ସିଂହ ମ୍ୟାନ ଅଫ ଦି ମ୍ୟାଚ ଓ ବ୍ରହ୍ମପୁର ୟୁନାଇଟେଡ୍ ଇଲେଭେନର ଆକ୍ରମ ଖାଁଙ୍କୁ ମ୍ୟାନ ଅଫ ଦି ସିରିଜ୍ ପ୍ରଦାନ କରାଯାଇଥିଲା। ଅମ୍ପାୟାର୍ ଭାବେ ଶାନ୍ତନୁ ରାଉତ ଓ ସଞ୍ଜୀବ ବେହେରା, ସ୍କୋରର ଭାବେ ଜ୍ୟୋତିରଞ୍ଜନ ଜେନା, ଗଣେଶ କୁମାର କୁଅଁର, ମଣ୍ଟୁ ଜେନା ଓ କାହ୍ନୁ ଚରଣ ଜେନା, ଭାଷ୍ୟକାର ଭାବେ ସଞ୍ଜୟ ମଜୁମଦାର, ସୁଧାଂଶୁ ଶେଖର ମହାନ୍ତି, ଚିତ୍ତରଞ୍ଜନ ନାୟକ, ଜ୍ଞାନରଞ୍ଜନ ଘଡେଇ, ସୁକାନ୍ତ ବେହେରା ଦାୟିତ୍ୱ ପରିଚାଳନା କରିଥିଲେ।



ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ଆନନ୍ଦପୁର ବିଧାୟକ ମାୟାଧାର ଯେନା, ଶାସଙ୍ଗ ସରପଞ୍ଚ ବିମ୍ବାଧର ବିଶ୍ୱାଳ, ହାଟଡିହୀ ସରପଞ୍ଚ ଅନୁସୟା ସେଠୀ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଚାମ୍ପିୟନ୍ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ପରିଷଦର ସଭାପତି ଚିନ୍ମୟ ନାୟକ, ସମ୍ପାଦକ ଚିତ୍ତରଞ୍ଜନ ପାତ୍ର, ଉପଦେଷ୍ଟା ମନୋଜ ପାତ୍ର, ଦେବାଶିଷ ବାରିକ, ଧବଳ ପଟ୍ଟନାୟକ, ରଞ୍ଜନ ରାଉତ ଓ ପଦ୍ମନାଭ ସାମଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ। କଳ୍ପତରୁ ସେଠୀ, ବିଜୟ ମଲ୍ଲିକ, ଅମିୟ ରଞ୍ଜନ ନାୟକ, ରୁପକ ଜେନା, ବିପିନ ଜେନା, ପ୍ରଦୀପ ଜେନା, ଗୁଲୁ ପାଢୀ, ସନାତନ ବାରିକ, ଆଶିଷ ଦ୍ୱିବେଦୀ, ସତୀଶ୍ ଯାଦବ, ରାକେଶ କୁଅଁର, ସଞ୍ଜୀବ ଜେନା, ରଙ୍ଗନାଥ ବାରିକ, ଲଲାଟେନ୍ଦୁ ଜେନା, ଓମପ୍ରକାଶ ନାୟକ, ଜିତନ ଧଳ, କାଳନ୍ଦୀ ନାୟକ, ଅଜୟ ବାରିକ, ମହିମା ବାରିକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ହାଟରେ ଚାଲିଛି କୁକୁଡ଼ା ଲଢ଼େଇ

**କପ୍ତିପଦା, ୧୩।୧ (ଡି.ଏନ.ଏ.)**

କୁକୁଡ଼ା ଲଢ଼େଇ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲାରେ ବହୁବର୍ଷ ପୂର୍ବରୁ ଚାଲି ଆସୁଛି। ମାତ୍ର ରାଜ୍ୟ ସରକାର ଏହାକୁ ବେଆଇନ ଦର୍ଶାଇ ବନ୍ଦ କରିଥିବାବେଳେ ଜିଲାର ବିଭିନ୍ନ ଅଞ୍ଚଳରେ ଏହା ଖୁଲମଖୁଲା ଚାଲିଛି। ତେବେ ଏହି କୁକୁଡ଼ା ଲଢ଼େଇ ପରମ୍ପରା ନାମରେ ରକ୍ତପାତ ହେଉଥିବା ଅଭିଯୋଗ ଆଣି କେତେକ ସାମାଜିକ ଅନୁଷ୍ଠାନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀଙ୍କୁ ଚିଠି ଲେଖିଥିଲେ । ଏହାକୁ ଭିତ୍ତିକରି ଗତ ୨୦୧୪ରେ ହ୍ୟୁମାନ ସୋସାଇଟି ଇଣ୍ଟରନ୍ୟାସନାଲ କ୍ୟାମ୍ପେନ୍ ମ୍ୟାନେଜର ଅର୍କପ୍ରଭା ଭାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଥିଲେ। ପ୍ରିଭେନ୍‌ସନ ଅଫ୍ କ୍ରୁଏଲିଟି ଟୁ ଆନିମଲ୍ (ଜୀବେ ନିଷ୍ଠୁରତା ପ୍ରତିରୋଧ ଆଇନ ୧୯୬୦)ର ସେକ୍ସନ ୧୧(୧)(ଏମ୍)(୨) ମୁତାବକ ଏହି କୁକୁଡ଼ା ଲଢ଼େଇ ବେଆଇନ ଓ ଏଥିପାଇଁ ରାଜ୍ୟ ସରକାର ଉତ୍ତରଦାୟୀ ବୋଲି ଉଲ୍ଲେଖ କରିବା ସହିତ ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହା ସତ୍ତ୍ୱେ ମଧ୍ୟ ପ୍ରଶାସନ ତଥା ପୋଲିସର ଜ୍ଞାତସାରରେ ଏହା ଜାରି ରହିଛି ।

ଜିଲା ତମାମ ଏହି ଲଢ଼େଇ ବର୍ଷସାରା ଚାଲୁଥିବାବେଳେ କପ୍ତିପଦା ବ୍ଲକ ଅଞ୍ଚଳରେ ଡିସେମ୍ବର ୨୫ଠାରୁ ଜିଲାର ଗଣପର୍ବ ଭାବେ ପରିଚିତ ମକର ପର୍ଯ୍ୟନ୍ତ କୁକୁଡ଼ା ଲଢ଼େଇ ବହୁ ମାତ୍ରାରେ ଦେଖିବାକୁ ମିଳେ। ବିଭିନ୍ନ ଅଞ୍ଚଳର ହାଟ, ମେଳା, ଫୁଟବଲ ଖେଳ ସହିତ ସ୍ୱତନ୍ତ୍ର ଭାବେ କୁକୁଡ଼ା ଲଢ଼େଇ ପାଇଁ ସ୍ଥାନ ନିରୂପଣ କରାଯାଇ ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଏହାକୁ ପ୍ରୋତ୍ସାହିତ କରାଯାଉଛି। ବହୁ କାତିକାର ପରିବାର ଏହି ବେଉସାକୁ ନେଇ ପରିବାର ପ୍ରତିପୋଷଣ କରୁଥିବାବେଳେ ବହୁ ଲୋକ ଏହି ଲଢ଼େଇରେ ନିଶା ପାଣି ଖାଇ ଜୁଆ ଖେଳି ସର୍ବସ୍ୱାନ୍ତ ହେବାର ନଜିର ରହିଛି । ଫଳରେ ଏହି ଲଢ଼େଇକୁ ନେଇ ବିଭିନ୍ନ ସ୍ଥାନରେ ଯଥା ଶରତ, ଚକ୍ରଧରପୁର, ନାବରା ଓ


କୁକୁଡ଼ା ଲଢେଇର ଏକ ଦୃଶ୍ୟ।

ରୁଗୁଡ଼ି ହାଟରେ ପୂର୍ବରୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି । ଦୁଇଟି ଗଞ୍ଜା ଲଢ଼େଇ ସମୟରେ କିଏ ଜିତିବ ବୋଲି ଦେଖଣାହାରୀଙ୍କ ମଧ୍ୟରେ ଜୁଆ ଖେଳ ପ୍ରବଳ ମାତ୍ରାରେ ଦେଖିବାକୁ ମିଳିଛି । ପୋଲିସ ଉପସ୍ଥିତିରେ ଏସବୁ ଚାଲୁଥିଲେ ମଧ୍ୟ ଏଥିପ୍ରତି ତାଗିଦ କିମ୍ବା କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ। ଫଳରେ ୧୦ଟଙ୍କାରୁ ଜୁଆ ଖେଳ ଆରମ୍ଭ ହୋଇ ୧୦ ହଜାର ଓ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ହେଉଛି ।

ଗାଁ ଗହଳିର କେତେକ ପରିବାର ଗଞ୍ଜା ବିକି ବହୁ ଟଙ୍କା ରୋଜଗାର କରୁଥିବାର ଚକ୍ରଧରପୁର ପଞ୍ଚାୟତର ସମାୟ ସିଂ ଓ ନାରାୟଣ ହେମ୍ବ୍ରମ କହିଛନ୍ତି । ଗଞ୍ଜାର ରଙ୍ଗ, ଉଚ୍ଚତା ଓ ଉଡ଼ିବା ଉପରେ ଦରଦାମ୍ କମ ବେଶି

### ପୋଲିସ, ପ୍ରଶାସନ ନୀରବଦ୍ରଷ୍ଟା

ହୋଇଥାଏ । ଏପରିକି ଭଲ ଉଡ଼ି ବିପକ୍ଷ ଗଞ୍ଜାକୁ ଅଧିକ ମାଡ଼ ଦେଇ ପାରୁଥିଲେ ସେମାନଙ୍କ ଘରମାନଙ୍କରେ ଲଢେଇ କରୁଥିବା ବ୍ୟକ୍ତିମାନଙ୍କର ଭିଡ଼ ଜମେ । ଫଳରେ ଉଚ୍ଚା ଦାମରେ ମଧ୍ୟ ଗଞ୍ଜା ବିକ୍ରି ହୋଇଥାଏ । ଏପରିକି ଗୋଟେ ଗୋଟେ ଗଞ୍ଜା ୩୦ ହଜାରରୁ ୪୦ ହଜାର ଟଙ୍କାରେ ବିକ୍ରି ହେବାର ନଜିର ରହିଛି । ବିଶେଷକରି ଶରତ ଥାନା ଇଲାକାରେ ଖୁଲମଖୁଲା ବେଆଇନ ଭାବେ ଶହଶହ କୁକୁଡ଼ା ଲଢ଼େଇ ହେବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ ଶରତ ଥାନାଧିକାରୀ ନବକିଶୋର ଦାସଙ୍କୁ ପଚାରିବାରୁ ଏହି କୁକୁଡ଼ା ଲଢ଼େଇ ଚାଲିଛି, ସେ ବାରମ୍ବାର ତାଗିଦ କରିଛନ୍ତି। ତଥାପି ଲୁଚାଚୋରା ଏହା ଚାଲୁଥାଇପାରେ ସେ ଏଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି।

## ବାରିପଦା ଷ୍ଟାଡିୟମରେ ନିର୍ମାଣ ହେବ ମଲ୍ଟି ପର୍ପଜ ଇନଡୋର ହଲ

**ବାରିପଦା ଅଫିସ, ୧୩।୧:** ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନ ଷ୍ଟାଡିୟମରେ ଏକ ବହୁମୁଖୀ ଆବାସ ଏବଂ ମଲ୍ଟିପର୍ପଜ ଇନଡୋର ହଲ ନିର୍ମାଣ ହେବ। ଏଥିପାଇଁ ଭିତ୍ତିଭୂମି ଯୋଗାଇବାକୁ ଆଇଓସିଏଲ ପକ୍ଷରୁ ଜିଲାପାଳଙ୍କ ନିକଟକୁ ଏକ ପତ୍ର ପଠାଯାଇଛି। ଏନେଇ ଭାଜପା ରାଜ୍ୟ ଉପସଭାପତି ରାଜ କିଶୋର ଦାସ ଏକ ପ୍ରେସ ବିବୃତିରେ ସୂଚନା ଦେଇଛନ୍ତି। ଡିସେମ୍ବର ୨୯ରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବାରିପଦା ଗସ୍ତରେ ଆସିଥିବା ବେଳେ ଆସୋସିଏଶନ ପକ୍ଷରୁ ଷ୍ଟାଡିୟମରେ ଏକ ବହୁମୁଖୀ ଆବାସ ଏବଂ ଇନଡୋର ହଲ ନିର୍ମାଣ ପାଇଁ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା। ଏଥିରେ କେନ୍ଦ୍ର ମନ୍ତ୍ରୀ ପ୍ରଧାନ ସହମତି ପ୍ରକାଶ କରିଥିବାରୁ ମୟୂରଭଞ୍ଜ ଜିଲାବାସୀଙ୍କ ପକ୍ଷରୁ ଧନ୍ୟବାଦ ଦିଆଯାଇଛି ବୋଲି ମଧ୍ୟ ରାଜକିଶୋର ଦାସ କହିଛନ୍ତି। ଶହେ ବର୍ଷର ଏହି ପୁରାତନ ଅନୁଷ୍ଠାନ ଉପରେ କେନ୍ଦ୍ର ସରକାର ଦୃଷ୍ଟି ଦେଇଥିବାରୁ ମୟୂରଭଞ୍ଜବାସୀଙ୍କ ପକ୍ଷରୁ କୃତଜ୍ଞତା ଜଣାଯାଇଛି ବୋଲି ରାଜକିଶୋର ଦାସ କହିଛନ୍ତି।

### ସଂକ୍ଷେପରେ

## ଇଭିଏମ୍‌ରେ ଭୋଟରଙ୍କୁ ତାଲିମ

**ଭଣ୍ଡାରିପୋଖରୀ, ୧୩।୧ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ପକ୍ଷରୁ ଇଭିଏମ୍ ମେଶିନ ସହ ଭିଭିପାଟ୍ ଭୋଟର ତାଲିମ କାର୍ଯ୍ୟକ୍ରମ ବ୍ଲକର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି। ଏନେଇ ଭିଭିପାଟ୍ ଓ ଇଭିଏମ୍ ମେଶିନ ସହ ଏକ ସଚେତନତା ରଥ ବ୍ଲକର ପ୍ରତ୍ୟେକ ରାଜସ୍ୱ ଗ୍ରାମର ବିଦ୍ୟାଳୟରେ ପହଞ୍ଚି ଲୋକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛି। ବାଲିପୋଖରୀ ପଞ୍ଚାୟତର ପରମାନନ୍ଦପୁର ଜଗନ୍ନାଥପ୍ରସାଦ ବିଦ୍ୟାଳୟ, ବିଷ୍ଣୁପୁର ପଞ୍ଚାୟତର ଚିଙ୍ଗୁଡ଼ିପୁର, ବଡରାମପୁର ବିଦ୍ୟାଳୟରେ ପହଞ୍ଚି ଭୋଟର ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନମାଳୀ ତରାଇଙ୍କ ତତ୍ତ୍ୱାବଧାନରେ ତାଲିମ କାର୍ଯ୍ୟକ୍ରମ ହେଉଛି। ବ୍ଲକର ୨୩ଟି ପଞ୍ଚାୟତର ବିଭିନ୍ନ ରାଜସ୍ୱ ଗ୍ରାମକୁ ଯାଇ ଭୋଟରଙ୍କୁ ସଚେତନ ସହ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ବ୍ଲକ ପଞ୍ଚାୟତ ଅଧିକାରୀ ଶର୍ମିଷ୍ଠା ମଲିକଙ୍କ ସୂତ୍ରରୁ ଜଣାଯାଇଛି।

## 'କ୍ରୀଡ଼ା ଶାରୀରିକ ଓ ମାନସିକ ଅଭିବୃଦ୍ଧି ଘଟାଏ'

**ବାସୁଦେବପୁର, ୧୩।୧ (ଡି.ଏନ.ଏ.):** ବାସୁଦେବପୁର ଗୁଆଗଡ଼ିଆସ୍ଥିତ ରାସବିହାରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ହରେକୃଷ୍ଣ ବେହେରା ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଦ୍ୟାଳୟ ଏସ୍‌ଏମ୍‌ସି ସଭାପତି ମନ୍ମଥ କୁମାର ମହାପାତ୍ର ଯୋଗଦେଇ କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ଶାରୀରିକ ବିକାଶ ସହ ମାନସିକ ଅଭିବୃଦ୍ଧି ଘଟାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଦୌଡ଼, ଲମ୍ଫଡିଆଁ, ସଟ୍‌ପୁଟ୍, ଡିସ୍‌କସ୍ ଥ୍ରୋ, ଜେଭଲିନ ଥ୍ରୋ, ମ୍ୟୁଜିକ ଚେୟାର, ବେଲେନ୍ସ ରେସ୍ ଆଦି ପ୍ରତିଯୋଗିତା ହୋଇଥିଲା। ୩ଟି ବିଭାଗରେ ଛାତ୍ରୀଛାତ୍ର ବିଭକ୍ତ ହୋଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କରୁଣାକର ଧନି, ଦେବସ୍ମିତା ବେହେରା, କୈଳାସ ଚନ୍ଦ୍ର ବେହେରା, ତ୍ରୈଲୋକ୍ୟ ରଣା, ବସନ୍ତ କୁମାର ଦାସ ଓ ରତିକାନ୍ତ ନାୟକ ପ୍ରମୁଖ କ୍ରୀଡ଼ା ପରିଚାଳନା କରିଥିଲେ।

## କମ୍ବଳ ବଣ୍ଟନ

**କପ୍ତିପଦା, ୧୩।୧ (ଡି.ଏନ.ଏ.):** କପ୍ତିପଦା ବ୍ଲକ୍ ଅଧୀନ ଜଙ୍ଗଲ ମଧ୍ୟରେ ରହୁଥିବା ଅସହାୟ ଲୋକଙ୍କୁ ଶନିବାର ବି ପଜିଟିଭ୍ ଗ୍ରୁପ୍ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି । ଗତ କିଛି ଦିନ ଧରି ସେମାନଙ୍କୁ ଠାବ କରିବା ପାଇଁ ଗ୍ରୁପ ପକ୍ଷରୁ ପ୍ରଚେଷ୍ଟା ଜାରି ରହିଥିଲା। ଗ୍ରୁପ୍ କର୍ମକର୍ତ୍ତାମାନେ ସେମାନଙ୍କ ନିକଟରେ ପହଞ୍ଚି ସେମାନଙ୍କ ଅଭାବ ଅସୁବିଧା ସମ୍ପର୍କରେ ବୁଝିଥିଲେ। ଏହି ବ୍ଲକ୍ ଅଧିନ ଦେୱାନବାହାଲୀ, ଛତ୍ରାମ୍ଭ, ପାତାସାହି, ରମ୍ଭାଦର ଓ ପାପଡଡିହି ଆଦି ଅଞ୍ଚଳରେ ଅସହାୟ ମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି । ଏଥିରେ ବି ପଜିଟିଭ୍ ଗ୍ରୁପ୍‌ର ସଭାପତି ଚନ୍ଦନ ଦାସ, ସଦସ୍ୟ ହାଡିବନ୍ଧୁ ଦାସ, ସରୋଜ ମହାନ୍ତି, ସର୍ବେଶ୍ୱର ମହାନ୍ତି, ଦିଲୀପ ନାୟକ, ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## କୁକୁଡା ପାଳନ ତାଲିମ ଶିବିର

**ଖଇରା, ୧୩।୧ (ଡି.ଏନ.ଏ.)**

ଖଇରା ପ୍ରାଣୀ ଚିକିତ୍ସାକେନ୍ଦ୍ର ଆନୁକୂଲ୍ୟରେ କୁକୁଡା ପାଳନ ଦକ୍ଷତା ବୃଦ୍ଧି ତାଲିମ ଶିବିର ଖଇରା ବିଡିଓ ଡା ରଘୁନାଥ ସିଂଙ୍କ ଆବାହକତ୍ୱରେ ୯ରୁ ଆରମ୍ଭ ହୋଇ ୧୩ତାରିଖରେ ଶେଷ ହୋଇଛି । ଏଥିରେ ବାଲେଶ୍ୱରର ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା ରମାକାନ୍ତ ପଣ୍ଡା ଓ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଜୀବନକୃଷ୍ଣ ସାହୁ, ଜିଲା ତାଲିମ ସଂଯୋଜକ ଡା ଚକ୍ରଧର ଦାସ, ସୋର ବିଡିଓ ବିଜୟକେତନ ପଟ୍ଟନାୟକ, ସିମୁଳିଆ ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ରଶ୍ମିରଞ୍ଜନ ନାୟକ, ଔପଦାର ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରିଣୀ ରୀତାଞ୍ଜଳୀ ନାୟକ, ଔପଦା ବିଡିଓ ପ୍ରଫୁଲ୍ଲ କୁମାର ଶିଅଳ, ଖଇରାର ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ଡା ସୁଭାଶିଷ ମହାପାତ୍ର , ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ସବିତା ବେହେରା ପ୍ରମୁଖ ତାଲିମଦାତା


ଶିବିରରେ ଚାଷୀଙ୍କୁ ତାଲିମ ଦିଆଯାଉଛି।

ଭାବେ ଯୋଗ ଦେଇଥିଲେ। ଏସି ଫାର୍ମ ମାଧ୍ୟମରେ କିଭଳି କମ୍ ମଜୁରୀରେ, କମ୍ ରୋଗରେ, କମ ଖର୍ଚ୍ଚରେ, ଅଳ୍ପ ଜାଗାରେ ଅଧିକ କୁକୁଡା ଚାଷ କରାଯାଇପାରିବ ସେ ସମ୍ପର୍କରେ ଡାକ୍ତରମାନେ ଉପସ୍ଥିତ କୁକୁଡା ଚାଷୀଙ୍କୁ ବୁଝାଇଥିଲେ। ଶେଷ ଦିନ ଚାଷୀମାନଙ୍କୁ ହରିପୁରରେ ଥିବା ଯଶୋଦା ପଲଟ୍ରି ଫାର୍ମକୁ ନିଆଯାଇ କୁକୁଡା ପାଳନର ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଇଥିଲା । ଏହି ଶିବିରରେ ପ୍ରତ୍ୟେକ ଦିନ ୨୦ଜଣ ଚାଷୀ ଉପସ୍ଥିତ ରହିବା କଥା। ହେଲେ କମ୍ ଚାଷୀ ଉପସ୍ଥିତ ରହିବା ଏବଂ ଚାଷୀ ଚୟନ ଠିକ ଭାବେ କରା ନ ଯିବା ନେଇ ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଖଇରା ବିଡିଓ ରଘୁନାଥ ସିଂଙ୍କୁ ପଚାରିବାରେ ଥଣ୍ଡା ଯୋଗୁ କେତେକ ଚାଷୀ ଆସି ପାରି ନ ଥିବା କହିଛନ୍ତି ।

## ବିଜ୍ଞାନ, ଗଣିତ ପ୍ରଦର୍ଶନୀ

**କପ୍ତିପଦା, ୧୩।୧ (ଡି.ଏନ.ଏ.):** କପ୍ତିପଦା ବ୍ଲକ୍ ଅଧୀନ ପରାଶବଣୀଠାରେ ଥିବା ଫକୀର ମୋହନ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବିଜ୍ଞାନ ଓ ଗଣିତ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଏକ ଉଦ୍‌ଘାଟନୀ ଉତ୍ସବରେ ବିଦ୍ୟାଳୟର ପୂର୍ବତନ ସମ୍ପାଦକ ଭୀମଚରଣ ନାୟକ ଅଧ୍ୟକ୍ଷତା କରିଥିଲେ । ଏଥିରେ ଆରମ୍ଭ ପ୍ଲାନ୍ ଅନୁଷ୍ଠାନର ସଂଯୋଜକ ଚିନ୍ତାମଣୀ ମହାକୁଡ, କଲ୍ୟାଣୀ ରାଜ, ଚିତ ରଞ୍ଜନ ମହାନ୍ତି ଓ ରତିକାନ୍ତ ବେହେରା ପ୍ରମୁଖ ଯୋଗ ଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ । ଏହି ପ୍ରଦର୍ଶନୀରେ ୪୦ଟି ବିଦ୍ୟାଳୟରୁ ୫୦ ଜଣ ପାଖାପାଖି କୁନି ବୈଜ୍ଞାନିକ ଓ ଗାଣିତିକ ଯୋଗ ଦେଇ ନିଜ ନିଜର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପରିଦର୍ଶନରେ ଆସି ପ୍ରକଳ୍ପ ଗୁଡିକୁ ଦେଖିଥିଲେ। ବିଶ୍ୱ ତାପନ, ବର୍ଷାଜଳ ସଂରକ୍ଷଣ ଓ ବିନିଯୋଗ, ପ୍ଲାଷ୍ଟିକ୍‌ର ଅପକାରିତା, ଗଛ ମାନଙ୍କର ଔଷଧୀୟ ଗୁଣ, ଆଲୋକର ପ୍ରତିଫଳନ ଓ ତାର ଉପକାର, ସୁଲଭ ଶୌଚାଳୟ ଓ ନିର୍ମଳ ପରିବେଶ ସହିତ ବିଭିନ୍ନ ଗାଣିତିକ ପ୍ରକଳ୍ପ ଏଥିରେ ପ୍ରଦର୍ଶିତ ହୋଇଥିଲା । ଏହାପରେ ଏକ ବିଜ୍ଞାନ ଭିତିକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ବିଜ୍ଞାନ ଶିକ୍ଷକ ନାରାୟଣ ବେହେରା ପରିଚାଳନା କରିଥିଲେ। ଅପରାହ୍ନରେ ପ୍ରଧାନ ଶିକ୍ଷକ ଭାସ୍କର ମହଲାଙ୍କ ସଭାପତିତ୍ୱରେ ଏକ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଓଷ୍ଟାର ସମ୍ପାଦକ ଭରତ ଚନ୍ଦ୍ର ବରାଳ, ମୁଖ୍ୟବକ୍ତା ଭାବେ ଓଷ୍ଟାର କାର୍ଯ୍ୟକାରିଣୀ ସଦସ୍ୟ କୋକିଳ ଚନ୍ଦ୍ର ମହାନ୍ତ, ରତିକାନ୍ତ ରାଉତ, ରଣଜିତ୍ ଲେଙ୍କା ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ବୈଜ୍ଞାନିକ ଚିନ୍ତାଧାରରେ କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହିତ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରିଥିଲେ ।

## ମତାମତ ଦିବସ ଉପଲକ୍ଷେ ପ୍ରତିଯୋଗିତା



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ ଓ ଛାତ୍ରୀଛାତ୍ର।

**ବାରିପଦା ଅଫିସ, ୧୩।୧**

ଜାତୀୟ ମତାମତ ଦିବସ ଉପଲକ୍ଷେ ମହାବିଦ୍ୟାଳୟ ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ.ପ୍ରଜ୍ଞା ପାରମିତା ଜେନା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ଜିଲାପାଳ ସୁବ୍ରତ କୁମାର ବେହେରା ଉପସ୍ଥିତ ରହି ଜାତୀୟ ମତାମତ ଦିବସ ପାଳନ ସମ୍ପର୍କରେ ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଦିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି, ତଥ୍ୟ ପରିଚାଳନା ସଂଯୋଜକ ଅଭିମନ୍ୟୁ ଦାସ, ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ସୀତାଂଶୁ ଶେଖର ପାତ୍ର ଓ ମଳନ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ଶିକ୍ଷକ ଶଶିଧର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଅମିତାଭ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ସୁଦାମ ମୁର୍ମୁ ପ୍ରଥମ, ପ୍ରୀତିଲଗ୍ନା ଏମ ମହାକୁଡ଼ ଦ୍ୱିତୀୟ, ଅନୀତା ହୋ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି କୁଇଜ ପ୍ରତିଯୋଗିତାରେ ସ୍ନେହାଶିଷ ମହାକୁଡ଼ ପ୍ରଥମ, କଲ୍ୟାଣୀ ଗିରି ଦ୍ୱିତୀୟ ଏବଂ ଲିପି ନାଗ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ରି ରଙ୍ଗୋଲି ପ୍ରତିଯୋଗିତାରେ ଦୀପିକା ମହାପାତ୍ର ପ୍ରଥମ, ତପସ୍ୱିନୀ ବେହେରା ଦ୍ୱିତୀୟ ଏବଂ ଗୀତା ରାଣୀ ସିଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ଶ୍ରୀଅରବିନ୍ଦ ଶ୍ରୀତନୁ ସ୍ମାରକୀ ନବମ ପ୍ରତିଷ୍ଠା ଦିବସ

**ସିମୁଳିଆ, ୧୩।୧ (ଡି.ଏନ.ଏ.)**

ଶ୍ରୀଅରବିନ୍ଦ ନବୋଦ୍ୟୋୟ ଶିକ୍ଷା ନିକେତନରେ 'ଶ୍ରୀ ଅରବିନ୍ଦ ଶ୍ରୀତନୁ ସ୍ମାରକୀ ନବମ ପ୍ରତିଷ୍ଠା ଦିବସ' ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଆଶ୍ରମ ପରିସରରେ ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାତଃ ୬ଟାରେ ଅଖଣ୍ଡ ନାମଜପ, ସକାଳ ସାଢ଼େ ୯ଟାରେ ଆଧ୍ୟାତ୍ମିକ ପତାକା ଉତ୍ତୋଳନ, ଶ୍ରୀତନୁ ମନ୍ଦିରରେ ସମୂହ ଧ୍ୟାନ, ସାଢ଼େ ୧୦ଟାରେ ପାଠଚକ୍ର, ସ୍ୱାଧ୍ୟାୟ ଅନୁଷ୍ଠିତ ହୋଇଥିଲା। ଆଶ୍ରମ ଟ୍ରଷ୍ଟି ଧୀରେନ୍ଦ୍ର କୁମାର ବଳଙ୍କ ଅଧ୍ୟକ୍ଷତାରେ 'ଆମେ କାହିଁକି ପୃଥିବୀକୁ ଆସିଛୁ' ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଶ୍ରମର


ଆଶ୍ରମର ଜଣେ ଶିଶୁ ପୂର୍ଣ୍ଣାଙ୍ଗ ଶିକ୍ଷା ସମ୍ପର୍କରେ ସୂଚନା ପ୍ରଦାନ କରୁଛନ୍ତି।

ଅପାଭାଇ ଓ ଶିଶୁମାନେ ଅଂଶଗ୍ରହଣ କରିଥିଲେ। ମାତୃଭକ୍ତ ସୂର୍ଯ୍ୟମଣି ବୋଇତି ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାତୃଭକ୍ତ ପୂର୍ଣ୍ଣଚନ୍ଦ୍ର ମହାଳିକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ମାୟାଧର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲମ୍ବୋଦର ସିଂ, ଅର୍ପିତା ନାୟକ, କମଳାକାନ୍ତ ପଣ୍ଡା, ରବିନାରାୟଣ ପାଣିଗ୍ରାହୀ ପ୍ରମୁଖ ପୂର୍ଣ୍ଣାଙ୍ଗ ଶିକ୍ଷା, ଯୋଗ, ଦର୍ଶନ ଆଦି ସମ୍ପର୍କରେ ସୂଚନା ରଖିଥିଲେ। ମଧ୍ୟାହ୍ନରେ ମାତୃ ପ୍ରସାଦ ସେବନ, ଅପରାହ୍ନରେ ସମୂହ ଧ୍ୟାନ ଓ ରାତି ୮ଟାରେ ଧ୍ୱଜା ଅବତରଣ ହୋଇଥିଲା।

## ଜନପରାମର୍ଶ ପଦଯାତ୍ରା, ବନ୍ଧୁମିଳନ

**ଭଦ୍ରକ ଅଫିସ, ୧୩।୧**

ଭଦ୍ରକ ବିଧାନସଭା ଅଞ୍ଚଳ ବାଣ୍ଡିଆ ପଞ୍ଚାୟତର ୧୧ ନମ୍ବର ବୁଥ୍‌ରେ ଭାଜପା ପକ୍ଷରୁ ଜନପରାମର୍ଶ ପଦଯାତ୍ରା ଓ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ପ୍ରଭାକର ସାମଲ, ଗଣେଶ ରାଉଳ, ମୁକ୍ତିକାନ୍ତ ଚୌଧୁରୀ ଓ ସରୋଜ ଜେନାଙ୍କ ନେତୃତ୍ୱରେ ୨୦୦ରୁ ଊର୍ଦ୍ଧ୍ୱ ବାଇକ୍ ଶୋଭାଯାତ୍ରାରେ ନେତା ଡା. ପ୍ରଦୀପ ନାୟକଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ନାଳଗରା ଓ କୁଡିଆମାଳ ଗ୍ରାମ ପରିକ୍ରମା କରାଯାଇଥିଲା। ଡା. ନାୟକ ଘର ଘର ବୁଲି ଜନପରାମର୍ଶ ଗ୍ରହଣ କରିବା ସହ ପ୍ରଧାନମନ୍ତ୍ରୀଙ୍କ ସଫଳ ଯୋଜନା ବିଷୟରେ ବୁଝାଇଥିଲେ। ମଣ୍ଡଳ ସଭାପତି ସାମଲଙ୍କ ସଭାପତିତ୍ୱରେ ସାଧାରଣ ସଭା ହୋଇଥିଲା। ଜିଲା ଉପସଭାପତି ବିଦ୍ୟାଧର ସାହୁ, ଏସ୍‌ସି ମୋର୍ଚ୍ଚାର ଜିଲା ସଭାପତି ଅଧର ମଲିକ, ମଣ୍ଡଳ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାମଲ, ପ୍ରାଣକୃଷ୍ଣ ପଣ୍ଡା, ରମିତା ପାଢ଼ୀ, ଗୋଲାପି ସେଠୀ, ଅମରେଶ ନାୟକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ବିଜେଡି ନେତା ଭାଜପାରେ ଯୋଗଦାନ କରିଥିଲେ। ଶେଷରେ 'ଜବାବ ମାଗୁଛି ଓଡ଼ିଶା' ସଚେତନତା ଚଳଚ୍ଚିତ୍ର ପ୍ରଦର୍ଶିତ କରାଯାଇଥିଲା।

## ୧୯୯୬ ବ୍ୟାଚ୍‌ର ବନ୍ଧୁମିଳନ

**ବଡସାହି, ୧୩।୧ (ସ୍ୱ.ପ୍ର.)**

ବଡ଼ସାହି ବ୍ଲକ ଅଧୀନ ଦେଉଳିଆ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ୧୯୯୬-୯୭ବ୍ୟାଚର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରମାନେ ଏକତ୍ରିତ ହୋଇ ବିଗତ ଦିନର ସ୍ମୃତି ଚାରଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବିଷ୍ଣୁଚରଣ ରାଉତ, ଅଜୟ ଦ୍ୱିବେଦୀ, ପ୍ରହ୍ଲାଦ ପ୍ରଧାନ, ହୃଷିକେଶ ଦେହୁରୀ, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପୁରାତନ ଛାତ୍ରୀଛାତ୍ରଙ୍କ ଗୁରୁଭକ୍ତି ସମ୍ପର୍କରେ ଆଲୋଚନା କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀମାନେ ଏଥିରେ ସହଯୋଗ କରିଛନ୍ତି । ଶେଷରେ ରାକେଶ ମହାକୁଡ ଧନ୍ୟବାଦ ଅର୍ପଣ କରିଛନ୍ତି ।


ବନ୍ଧୁ ମିଳନ ଉତ୍ସବରେ ପୁରାତନ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷକବୃନ୍ଦ।

## ଜିଆର୍‌ଏସ୍‌ଙ୍କ ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ

**ବାଲେଶ୍ୱର ଅଫିସ, ୧୩।୧:** ବିଭିନ୍ନ ଦାବି ନେଇ ଓଡ଼ିଶା ଗ୍ରାମ ରୋଜଗାର ସେବକ ସଂଘ (ଜିଆର୍‌ଏସ୍) ଦୀର୍ଘଦିନ ଧରି କାର୍ଯ୍ୟରେ ଅନୁପସ୍ଥିତ ରହି ଆନ୍ଦୋଳନ ଚଳାଇ ଥିଲେ। ଗତ ଶୁକ୍ରବାର ଜିଲାପାଳ ରମେଶ ଚନ୍ଦ୍ର ରାଉତ ଜିଲାର ୨୨୦ ଗ୍ରାମ ରୋଜଗାର ସେବକମାନଙ୍କ ମଧ୍ୟରୁ ୨୧୫ ଜଣଙ୍କୁ ଦାୟିତ୍ୱରୁ ଅନ୍ତର କରିଥିଲେ। ଜିଆର୍‌ଏସ୍ ସଂଘ ପକ୍ଷରୁ ଶନିବାର ବାଲେଶ୍ୱର ମିଶନ୍ ପଡ଼ିଆରେ ଏକତ୍ରିତ ହୋଇ ଜିଲାସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳଙ୍କ ନିର୍ଦ୍ଦେଶକୁ ଦୃଢ଼ ଭାବେ ନିନ୍ଦା କରିଥିଲେ। ସ୍ଥାୟୀ ନିଯୁକ୍ତି ନ କରାଯିବା ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ସଂଘର ଜିଲା ସମ୍ପାଦକ ସଞ୍ଜୟ ବେହେରା, ସଭାପତି ଚନ୍ଦନ କୁମାର ଦାସ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ରାଷ୍ଟ୍ରୀୟ ଯୁବ ଦିବସରେ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ, ୧୩।୧**

ବାଲେଶ୍ୱରର ଏକ ସ୍ୱେଚ୍ଛାସେବୀ ସଙ୍ଗଠନ 'ବିଶ୍ୱାସ' ଆନୁକୂଲ୍ୟରେ ଶନିବାର ବାଲେଶ୍ୱର ରେଲଷ୍ଟେଶନ ସମ୍ମୁଖରେ ରାଷ୍ଟ୍ରୀୟ ଯୁବ ଦିବସ ଏବଂ ସ୍ୱାମୀ ବିବେକାନନ୍ଦଙ୍କ ୧୫୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ବିଶିଷ୍ଟ ଅବଦାନ ଦେଇଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବା ସହିତ ବିବେକାନନ୍ଦଙ୍କ ଜୀବନୀ ଉପରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଓଡ଼ିଶା ଯୋଜନା ବୋର୍ଡ଼ର ପରାମର୍ଶଦାତା ରବି ନାରାୟଣ ଦାସ, ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀର ବିଶେଷଜ୍ଞ ଡ. ଉପେନ୍ଦ୍ର ନାଥ ଦାସ, ସାମାଜିକ କର୍ମୀ ସୁବାସିନୀ ଜେନା ଓ ଷ୍ଟେଶନ ମ୍ୟାନେଜର ଭାଗବତ ଦାସ ଅତିଥି ଭାବେ ଯୋଗଦେଇଥିଲେ।

ସଭା ଆରମ୍ଭରେ ସାଇ ସଙ୍ଗଠନର ସଭ୍ୟମାନଙ୍କ ଦ୍ୱାରା ବେଦପାଠ ଓ ମନ୍ତ୍ର ଉଚ୍ଚାରଣ କରାଯାଇଥିଲା। ଏହାପରେ ବିଶ୍ୱାସ ତରଫରୁ ସୁଶାନ୍ତ ଜେନା ସଞ୍ଚାଳନ



ଯୁବଦିବସ ଅବସରରେ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କରିଥିଲେ। ବର୍ତ୍ତମାନ ଯୁଗର ଯୁବପିଢ଼ି ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀରୁ ଶିକ୍ଷାଲାଭ କରି କିଭଳି ସୁସମାଜ ଗଠନରେ ନିଜକୁ ସାମିଲ କରିପାରିବେ, ଏହି ବିଷୟ ଉପରେ ସମସ୍ତେ ଆଲୋକପାତ କରିଥିଲେ। କଳା, ସଂସ୍କୃତି, ବିଜ୍ଞାନ, ଶିକ୍ଷା, ଉଦ୍ୟୋଗ, ସମାଜସେବା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ କରିଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମ୍ୟାଲେରିଆ ରୋଗୀଙ୍କ ସେବା ପାଇଁ ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ଯମୁନାମଣି ସିଂ, କଥା କହୁଥିବା ହ୍ୟୁମାନ ରୋବର୍ଟ ତିଆରି କରି ଜିଲା ତଥା ରାଜ୍ୟସ୍ତରରେ ପରିଚୟ ସୃଷ୍ଟି କରିଥିବା ନୀଳମାଧବ ବେହେରା, ଆନ୍ତର୍ଜାତୀୟ ବାଲୁକା କଳା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଟୁନା ବେହେରା, ବିଭିନ୍ନ ସମୟରେ ଓଡ଼ିଆ ସଂସ୍କୃତି, ମହିଳା ସଶକ୍ତିକରଣ, କୃଷକର ଉନ୍ନତି, ଯୁବବିକାଶ, ଶିକ୍ଷା ଆଦି କ୍ଷେତ୍ରର ବିକାଶ ପାଇଁ ଅବଦାନ ଦେଇଥିବା ସମାଜସେବୀ ସୁଧାଂଶୁ ଶେଖର ପରିଡ଼ାଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଛି। ସଭାରେ ବହୁ ସଂଖ୍ୟାରେ ଯୁବକମାନେ ଯୋଗଦେବା ସହିତ 'ବିଶ୍ୱାସ' ତରଫରୁ ସଭାପତି ସୁଧାଂଶୁ ଜେନା, ସମ୍ପାଦକ ସଂଗ୍ରାମ କେଶରୀ ପରିଡ଼ା, ପଞ୍ଜାବ ବାବୁ, ସଚିଦାନନ୍ଦ ବାବୁ ଓ ଶିବଶଙ୍କର ବାବୁ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ଜାନୁୟାରୀ ୧୪/୨୦୧୯ Balasore, Monday, January 14/ 2019

## ସଂକ୍ଷେପରେ

### ବିଦ୍ୟୁତ୍ ତାର ଲାଗି ଛଣ ବୋଝେଇ ଟ୍ରକ୍ ଜଳିଗଲା

**ଭଦ୍ରକ ଅଫିସ, ୧୩।୧:** ଭଦ୍ରକ ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ନିକଟ ରାସ୍ତାରେ ଶନିବାର ବିଳମ୍ବିତ ରାତିରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଛଣ ବୋଝେଇ ଟ୍ରକ ଜଳିଯାଇଛି। ମାତ୍ର ଏହି ଘଟଣାରେ ଗାଡ଼ି ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଟ୍ରକ ଭଦ୍ରକ ବ୍ଲକ ଗେଲଟିଆ ଅଞ୍ଚଳରୁ ଛଣ ବୋଝେଇ କରି ଗଞ୍ଜାମ ଜିଲାର ଆସ୍କାକୁ ନେବା ପାଇଁ ଯାଉଥିବା ବେଳେ ଓଭରଲୋଡ କାରଣରୁ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ଶଟ୍‌ସର୍କିଟ୍ ହୋଇ ନିଆଁ ବାହାରି ଛଣରେ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ଭଦ୍ରକ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ନିଆଁର ପ୍ରଖରତା ଫଳରେ ଆଖପାଖରେ ଥିବା କେତେକ ଗଛରେ ମଧ୍ୟ ନିଆଁ ଲାଗିଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଥିଲେ। ତେବେ ଏହି ଅଗ୍ନିକାଣ୍ଡ ଯୋଗୁ ଦୀର୍ଘ ସମୟ ଧରି ଭିଆଇପି ରୋଡ୍‌ରେ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା। ଏଥିସହ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ସରାବରାହ ମଧ୍ୟ ବ୍ୟାହତ ହୋଇଯାଇଥିଲା। ଅଗ୍ନିଶମ ବାହିନୀର ୩ଟି ଗାଡ଼ି ଆସି ୩ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲା।

ଠିକ୍ ସମୟରେ ଆସିଲାନି ଆମ୍ବୁଲାନ୍ସ

# ଗର୍ଭବତୀଙ୍କ ମୃତ୍ୟୁ ଅଭିଯୋଗ

**ସଜନାଗଡ଼, ୧୩।୧(ଡି.ଏନ.ଏ.)**

ରାଜ୍ୟ ସରକାର ଗର୍ଭବତୀଙ୍କ ସୁରକ୍ଷା ଲାଗି ଜନନୀ ସୁରକ୍ଷା ଯୋଜନା କରି ଆମ୍ବୁଲାନ୍ସ ବ୍ୟବସ୍ଥା କରିଥିଲେ ମଧ୍ୟ କେତେକ ଉପାନ୍ତ ଇଲାକାରେ ତାହା ଠିକ୍ ସମୟରେ ପହଞ୍ଚିପାରୁ ନାହିଁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କାଁଶ ପଞ୍ଚାୟତରେ। ଠିକ୍ ସମୟରେ ଆମ୍ବୁଲାନ୍ସ ପହଞ୍ଚି ନ ପାରିବାରୁ ଜଣେ ଗର୍ଭବତୀଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।

ସଞ୍ଜୟ ନାୟକଙ୍କ ସ୍ତ୍ରୀ ବାସନ୍ତୀ (୨୨)ଙ୍କର ଗତ ଶନିବାର ସନ୍ଧ୍ୟାରେ ପ୍ରସବ ବେଦନା ହୋଇଥିଲା। ସଞ୍ଜୟ ଆମ୍ବୁଲାନ୍ସ ପାଇଁ ନୀଳଗିରି ବରହମ୍‌ପୁରକୁ ଯୋଗାଯୋଗ କରିଥିଲେ। ହେଲେ ଆମ୍ବୁଲାନ୍ସ ଉପଲବ୍ଧ ହୋଇପାରି ନ ଥିଲା। ଅନ୍ୟପଟେ ସ୍ତ୍ରୀ ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ରାତିରେ କୌଣସି ଘରୋଇ ଗାଡ଼ି ମଧ୍ୟ ସେ ଯୋଗାଡ କରିପାରି ନ ଥିଲେ। ରାତି ୧୨ଟା ବେଳେ ବାଲେଶ୍ୱରରୁ ୧୦୨ ଆମ୍ବୁଲାନ୍ସ ଆସି ପହଞ୍ଚିଥିଲା। ଉକ୍ତ ଗାଡ଼ି ଯୋଗେ ବାସନ୍ତୀଙ୍କୁ ନୀଳଗିରି ମେଡ଼ିକାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ଦେଖି ତାଙ୍କୁ ମୃତ ଘୋଷଣା କରିଥିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେତୁ ଯନ୍ତ୍ରଣାରେ ଛଟପଟ ହୋଇ ବାସନ୍ତୀଙ୍କର ମୃତ୍ୟୁ ହୋଇଥିବା ତାଙ୍କ ସ୍ୱାମୀ ଅଭିଯୋଗ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ରବିବାର ସକାଳେ କାଁଶ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ଅନ୍ୟପକ୍ଷରେ ନୀଳଗିରି ମେଡିକାଲକୁ ଯେଉଁ ଭେଣ୍ଡରମାନେ ୧୦୨ ଆମ୍ବୁଲାନ୍ସ ଯୋଗାଇଥିଲେ ସେମାନଙ୍କୁ ପଚରାଯିବାରୁ ପୂର୍ବରୁ ବକେୟା ପ୍ରାପ୍ୟ ରାଶି ମିଳି ନ ଥିବାରୁ ନଭେମ୍ବର ୫ତାରିଖଠାରୁ ସମସ୍ତ ଗାଡ଼ିକୁ ଚଳାଚଳ ବନ୍ଦ କରାଯାଇଥିବା କହିଛନ୍ତି। ନୀଳଗିରି ପରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏଭଳି ସମସ୍ୟାକୁ ଶୀଘ୍ର ଦୂର କରିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ୫୦ କେଜି ଗଞ୍ଜେଇ ଜବତ: ୨ ଗିରଫ



ଜବତ ଗଞ୍ଜେଇ ଓ ଗିରଫ ୨ ଯୁବକ।

**ଭଦ୍ରକ ଅଫିସ, ୧୩।୧**

ଭ୍ରାମ୍ୟମାଣ ଅବକାରୀ ଟିମ୍ ରବିବାର ମଧ୍ୟାହ୍ନରେ ପ୍ରାୟ ୫୦ କେଜି ଗଞ୍ଜେଇ ଜବତ କରିବା ସହ ୨ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକଦ୍ୱୟ ହେଲେ ପୁରୁଣାବଜାର ଥାନା ଅଧୀନ ସରକାର ନଗରର ଅତଉଲ୍ଲା ଖାନ୍ ଓରଫ ପିଣ୍ଟୁ ଓ ଅନୁଗୁଳ ଜିଲା କିଆକଟା ଗ୍ରାମର ଦେବେନ୍ଦ୍ର ସାହୁ। ସେମାନଙ୍କୁ ସରକାର ନଗର ନିକଟରୁ ଗିରଫ କରାଯାଇଥିବା ଭ୍ରାମ୍ୟମାଣ ଟିମ୍ ଇନ୍ସପେକ୍ଟର ସ୍ୱନ୍ଦନ ମହାନ୍ତି ସୂଚନା ଦେଇଛନ୍ତି। ଅନୁଗୁଳରୁ ଦେବେନ୍ଦ୍ର ବସ୍ ଯୋଗେ ଗଞ୍ଜେଇ ଆଣି ଭଦ୍ରକର ଅତଉଲ୍ଲାଙ୍କୁ ଯୋଗାଉଥିବା ଅବକାରୀ ଟିମ୍ ତଦନ୍ତ ବେଳେ ଜାଣିବାକୁ ପାଇଛି। ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୩ ଲକ୍ଷ ଟଙ୍କା ହେବ ବୋଲି ଏହି ଟିମ୍ ସୂଚନା ଦେଇଛି। ଦେବେନ୍ଦ୍ର ଓ ଅତଉଲ୍ଲାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି।

# ପାଚେରି ଭାଙ୍ଗିଲେ ହାତୀପଲ

**ରାଇସୁଆଁ, ୧୩।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ କାଉଁରିକଳା ଗ୍ରାମକୁ ଶନିବାର ରାତିରେ ୧୩ରୁ ଊର୍ଦ୍ଧ୍ୱ ହାତୀ ପଶି ଥିବା ଅଭିଯୋଗ ହୋଇଛି। ଗ୍ରାମର ଘାସିନାଥ ମାଝିଙ୍କ ପାଚେରି ଭାଙ୍ଗି ଘରେ ପଶିବାକୁ ହାତୀପଲ ଉଦ୍ୟମ କରୁଥିଲେ। ଘାସିରାମଙ୍କ ସହ ସ୍ଥାନୀୟ ଲୋକେ ଘଉଡାଇବାରୁ ହାତୀପଲ ଗ୍ରାମ ନିକଟ ଜଙ୍ଗଲକୁ ପଳେଇ ଯାଇଥିଲେ। ସ୍ଥାନୀୟ ଅଞ୍ଚଳରେ ହାତୀପଲ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ୧୫ ଏକରରୁ ଊର୍ଦ୍ଧ୍ୱ ପିଆଜ, ରସୁଣ ଫସଲକୁ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଜଡିପଦା ଜଙ୍ଗଲରେ ହାତୀ ପଲା ଦିନରେ ରହୁଥିବା ବେଳେ ରାତି ହେଲେ ଜଙ୍ଗଲ ନିକଟ ଗାଁ ଗୁଡିକୁ ପଶିଆସୁଛନ୍ତି।



ହାତୀପଲ ଭାଙ୍ଗି ଦେଇଥିବା ପାଚେରି।

### ବିଷପିଇ ମା' ଝିଅଙ୍କ ଆତ୍ମହତ୍ୟା ଉଦ୍ୟମ

**ବାସୁଦେବପୁର, ୧୩।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ କିଷ୍ଣତକୃଷ୍ଣପୁର ଅଞ୍ଚଳରେ ପାରିବାରିକ କଳହକୁ ନେଇ ଗୋଟିଏ ପରିବାରର ମା' ଝିଅ ରବିବାର ସନ୍ଧ୍ୟାରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେମାନଙ୍କୁ ଗୁରୁତର ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମହିଳାଙ୍କ ସ୍ୱାମୀ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବାରୁ ମା' ଝିଅ ମାନସିକ ଭାରସାମ୍ୟ ହରାଇ ଏଭଳି ପଦକ୍ଷେପ ନେଇଥିବା ଚର୍ଚ୍ଚା ହେଉଛି।

## ସ୍କୁଲଗାଡ଼ି ଭଙ୍ଗାରୁଜା, ଚାଳକଙ୍କୁ ମାଡ଼

**ହାଟଡିହୀ, ୧୩।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଗେଡମା ଗ୍ରାମ ରାସ୍ତାରେ ରବିବାର ଜଣେ ଯୁବକ ଏକ ସ୍କୁଲ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ଚାଳକଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଛାତ୍ରୀଛାତ୍ରଙ୍କୁ ନେଇ ବିଦ୍ୟାଳୟ ଗାଡି ଆଇତିପୁର ଗ୍ରାମକୁ ଫେରୁଥିଲା। ଗେଡମା ରାସ୍ତାରେ ଏକ ଧାନ ବୋଝେଇ ଗାଡି ଠିଆ ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ଗାଡ଼ି ଡ୍ରାଇଭର ଜଣଙ୍କ ଯିବା ପାଇଁ ରାସ୍ତା ମାଗିଥିଲେ। ଉତ୍ୟକ୍ତ ହୋଇ ଧାନ ବୋଝେଇ ଗାଡି ଚାଳକ ସ୍କୁଲ ଗାଡିକୁ ଭଙ୍ଗାରୁଜା କରିଥିଲେ। ଡ୍ରାଇଭରଙ୍କୁ ମାଡ ମାରିଥିଲେ। ଏ ନେଇ ଅଭିଭାବକ, ଗାଡିର ଡ୍ରାଇଭର, ବିଦ୍ୟାଳୟ କର୍ମଚାରୀ, ଛାତ୍ରୀଛାତ୍ର ନନ୍ଦିପଦା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଫକୀରମୋହନଙ୍କ ସାରସ୍ୱତ ପ୍ରତିଭା ପ୍ରେରଣାଦାୟୀ

**ବାଲେଶ୍ୱର ଅଫିସ, ୧୩।୧**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର ବ୍ୟାସକବି ଫକୀରମୋହନ ସେନାପତିଙ୍କର ୧୭୬ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ମଧୁମିତା ଦାସ ପୌରୋହିତ୍ୟ କରି ଫକୀରମୋହନଙ୍କ ବ୍ୟକ୍ତିତ୍ୱ ଓ ସାରସ୍ୱତ ପ୍ରତିଭା ସବୁକାଳରେ ପ୍ରେରଣା ଦାୟୀ ବୋଲି ପ୍ରକାଶ କରିଥିଲେ।

ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଡ. ମନ୍ମଥ ପ୍ରଧାନ ଯୋଗଦେଇ ସେନାପତିଙ୍କର ଗଳ୍ପ, ଉପନ୍ୟାସ, କବିତାର ସାଂସ୍କୃତିକ ଓ ସାମାଜିକ ମୂଲ୍ୟବୋଧ ଓ ପାଠକୀୟ ଅଭିମତ ସମ୍ପର୍କରେ ବହୁ ତଥ୍ୟ ଉପସ୍ଥାପନ କରି ସହୃଦୟ ଶ୍ରୋତାମଣ୍ଡଳୀକୁ ମୁଗ୍ଧ କରିଥିଲେ। କୁଳସଚିବ ଅମର ସିଂ ସୋରେନ୍ ଅତିଥି ପରିଚୟ ପ୍ରଦାନ କରିବା ସହିତ ଓଡ଼ିଆ ସାହିତ୍ୟକୁ ଫକୀରମୋହନଙ୍କର ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସୂର୍ଯ୍ୟେନ୍ଦୁ କୁମାର ଦେ ଯୋଗଦେଇ ଫକୀରମୋହନ ସେନାପତିଙ୍କର ଜୀବନବାଣୀ ଓ ତାଙ୍କ ସାହିତ୍ୟ କୃତିର ସାମାଜିକ-ସାଂସ୍କୃତିକ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇ ଆଜି ବି ସେ ସବୁର ଉପାଦେୟତା ରହିଛି ବୋଲି ପ୍ରକାଶ କରିଥିଲେ। ଉନ୍ନୟନ ଅଧିକାରୀ ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ।




ଫକୀରମୋହନ ସେନାପତିଙ୍କ ୧୭୬ତମ ଜୟନ୍ତୀରେ ଉପସ୍ଥିତ ଅତିଥି।

## ୧୦ବଖରା ଜଳିଗଲା

**ଖଇରା, ୧୩।୧(ଡି.ଏନ.ଏ.):** ଖଇରା ବ୍ଲକ ଅଧୀନ କୁପାରୀ ଗ୍ରାମରେ ଶନିବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୧୦ ବଖରା ଭସ୍ମୀଭୂତ ହୋଇଯାଇଛି । ଏଥିରେ ତରଣୀସେନ ମହାପାତ୍ର, ରାଜକିଶୋର ମହାପାତ୍ର, ସୁଦର୍ଶନ ମହାପାତ୍ର, ବୁଲୁ ମହାପାତ୍ର ପ୍ରମୁଖଙ୍କର ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଆସବାବପତ୍ର ଓ ଧାନଚାଉଳ ନଷ୍ଟ ହୋଇ ଯାଇଥିବାର କୁହାଯାଉଛି । ଖବର ପାଇ ଖଇରା ଦମକଳ କେନ୍ଦ୍ରର କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।




ଅନ୍ତେବାସିନୀଙ୍କୁ ଅଶାଳୀନ ବ୍ୟବହାର ଘଟଣା

## ମେସ୍ ମାଲିକ ଗିରଫ, ଅଭିଭାବକଙ୍କ ବୈଠକ

**ଖଇରା, ୧୩।୧(ଡି.ଏନ.ଏ.):** ଖଇରା ଥାନା ଅଧୀନ ନଟାପଡା ଗ୍ରାମରେ ଏକ ମେସ୍‌ର ମାଲିକ କେତେକ ଅନ୍ତେବାସିନୀଙ୍କୁ ଶୁକ୍ରବାର ରାତିରେ ଅଶାଳୀନ ବ୍ୟବହାର କରିଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ଖଇରା ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଉକ୍ତ ମେସ ମାଲିକ ମନୋଜ ସ୍ୱାଇଁଙ୍କୁ ଶନିବାର ରାତିରେ ଗିରଫ କରିଛନ୍ତି। ଗିରଫ ପରେ ସ୍ୱାଇଁ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ତାଙ୍କୁ ବାଲେଶ୍ୱର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ସେପଟେ ଆଇଆଇସି ନାୟକ ରବିବାର ସନ୍ଧ୍ୟାରେ ଅଭିଭାବକଙ୍କର ଏକ ବୈଠକ ଡାକି ମେସ ଛାଡିବା ସମ୍ପର୍କରେ ଆଲୋଚନା କରିଛନ୍ତି। କେତେକ ଅଭିଭାବକଙ୍କ ସହ ଅନ୍ତେବାସିନୀମାନେ ରବିବାର ରାତିରେ ମେସ ଛାଡିଥିବା ଜଣାଯାଇଛି। ଏ ସମ୍ପର୍କରେ ଆଇଆଇସି ନାୟକଙ୍କ ମତାମତ ନେବାରେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ମେସ୍ ବନ୍ଦ ପାଇଁ ଅବିଭାବକଙ୍କ ବୈଠକ ଡକାଯାଇ ପ୍ରସ୍ତୁତି ଆରମ୍ଭ ହୋଇଥିବାର କହିଛନ୍ତି। ମେସ ମାଲିକ ମନୋଜ ସ୍ୱାଇଁଙ୍କୁ ପଚାରିବାରେ ଅନ୍ତେବାସିନୀମାନେ କଲେଜରେ କେତେକ ଯୁବକଙ୍କ ମିଳାମିଶା କରୁଥିବା ନଜର ଆସିବା ପରେ ସେମାନଙ୍କ ମେସ ଛାଡିବା କଥା କହିବାକୁ ରାତିରେ ନିଜ ରୁମକୁ ଡକାଇଥିଲେ। ସେମାନେ ଆକ୍ରୋଶମୂଳକ ଭାବେ ଏଭଳି ଅଭିଯୋଗ ଆଣିଥିବାର କହିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ